

## ଅଭିନନ୍ଦନ

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ଖରସ୍ରୋତା ସୁପରଫାଷ୍ଟ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ



# ଖରସ୍ରୋତା

KHARASROTA SUPER FAST ସୁପରଫାଷ୍ଟ

PRGI Registration No. R.N.I "ORORI/25/A3220".

VOL-1, ISSUE-6, MONTHLY, MARCH-2026, ODIA JAJAPUR PAGE-8 RS. 5/-,




# ବିଶ୍ୱଯୁଦ୍ଧ ମୁହାଁ ପୃଥିବୀ

## ନେତନ୍ୟାହୁଙ୍କ ସହ କଥା ହେଲେ ମୋଦି, କହିଲେ ଶତ୍ରୁତାର ଶୀଘ୍ର ଅନ୍ତ ହେବା ଆବଶ୍ୟକ

**ଇରାନ ପ୍ରତି ଆକ୍ରମଣ କଲେ ପରିସ୍ଥିତି ବିନାଶକାରୀ ହେବ: ଟ୍ରମ୍ପ**

**ଏହି ଆକ୍ରମଣ ବିଶ୍ୱକୁ ଦୁଇଟି ଭାଗରେ ବିଭକ୍ତ କରିଛ**

**ଇରାନ ଉପରେ ୧୨୦୦ ରୁ ଅଧିକ ବୋମା ମାଡ**

**ଆରାଫି ଇରାନର ମଧ୍ୟବର୍ତ୍ତୀକାଳୀନ ମୁଖ୍ୟ**

**ଦେଶରେ ୪୦ଦିନିଆ ଶୋକ,୭ଦିନ ଛୁଟି ଘୋଷଣା**






ନୂଆଦିଲ୍ଲୀ,: ଆମେରିକା ଓ ଇସ୍ରାଏଲ ସେନା ପକ୍ଷରୁ ମିଳିତ ଭାବେ ଇରାନ ଉପରେ ଆକ୍ରମଣ ତୃତୀୟ ଦିନରେ ପହଞ୍ଚିଛି । ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯାଇଛି । ଚୁପ୍ ବସିନାହିଁ ଇରାନ । ଖାମେନେଇଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇଛି ଇରାନ । ସାଙ୍ଘାତିକ ଜବାବ ଦେଇ ଇରାନ ଦୁବାଇ ଉପରେ ଆକ୍ରମଣ କରିଛି । ପ୍ରତିଶୋଧ ନେଇ ଇସ୍ରାଏଲ ସମେତ ୯ଟି ଦେଶ ଉପରେ ଆକ୍ରମଣ କରିଛି । ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ରୋଧିତ ହୋଇଛନ୍ତି । ଇରାନ ସେନାକୁ ଚେତାବନୀ ଦେଇ ଟ୍ରମ୍ପ କହିଛନ୍ତି ଅସ୍ତ୍ର ଛାଡ ନଚେତ୍ ମୃତ୍ୟୁ ନିଶ୍ଚିତ ହେବ । 'ଅସ୍ତ୍ର ଛାଡ ନଚେତ୍'– ଇରାନ ଏବଂ ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମରେ ମିଡିଲ ଇଷ୍ଟ ଜଳୁଛି । ଇରାନ ତାର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ହରାଇ କ୍ରୋଧିତ ହୋଇ ପ୍ରତିଶୋଧ ପରାୟଣ ହୋଇଛି । ଆମେରିକା ସମେତ ଅନେତ ଦେଶକୁ ଟାର୍ଗେଟ କରିଛି । ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଇରାନକୁ ଚେତାବନୀ ଦେଇଛନ୍ତି । ଇରାନ୍ ସେନାକୁ ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଅସ୍ତ୍ର ଛାଡ଼, ନଚେତ୍ ମୃତ୍ୟୁ ନିଶ୍ଚିତ । ଇରାନ୍ ଉପରେ ଆକ୍ରମଣ ସଠିକ୍ ପଦକ୍ଷେପ । ଏହା ଆମେରିକୀୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି । ୫୦ ବର୍ଷ ଧରି ଏମାନେ ଆମେରିକା, ଇସ୍ରାଏଲ୍ ଉପରେ ଆକ୍ରମଣ କରି ଚାଲିଥିଲେ । ଏମାନେ ବିଶ୍ୱ ଆତଙ୍କବାଦର ପ୍ରଥମ ରାଷ୍ଟ୍ର ପ୍ରାୟୋଜକ । ଇରାନର ୯ଟି ଜାହାଜ ସହ ସେମାନଙ୍କ ନୌସେନା ବିଲ୍ଡିଂକୁ ଧ୍ୱଂସ କରିଛୁ । ଖାମେନେଇଙ୍କ ମୃତ୍ୟୁ ପରେ ଇରାନବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଯୁଦ୍ଧ ଅଭିଯାନ ଜାରି ରହିଛି, ଉଦ୍ଦେଶ୍ୟ ହାସଲ ନ ହେବା ଯାଏଁ ଜାରି ରହିବ । ପରମାଣୁ ଅସ୍ତ୍ର ରଖିବାକୁ ଆମେ ଇରାନକୁ କଦାପି ଅନୁମତି ଦେବୁନାହିଁ । ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିଥିଲେ ଯେ,''ଇରାନ ଉପରେ ଏପରି ଶକ୍ତି ଦ୍ୱାରା ଆକ୍ରମଣ କରାଯିବ ପୂର୍ବରୁ କେବେ ଦେଖିନଥିବ । ଆଜି ସେ ପୁଣି କହିଛନ୍ତି, ଇରାନ ରେଭଲ୍ୟୁସନାରୀ ଗାର୍ଡ, ଇରାନ ସାମରିକ ବାହିନୀ ଏବଂ ପୁଲିସ ଆତ୍ମସମର୍ପଣ ନ କରନ୍ତି ତେବେ ସେମାନଙ୍କ ମୃତ୍ୟୁ ନିଶ୍ଚିତ । ସଦ୍ୟ ଆକ୍ରମଣକୁ ଯଥାର୍ଥ ଦର୍ଶାଇ ଟ୍ରମ୍ପ କହିଛନ୍ତି, ଏହା ଠିକ୍ ଏହା ଦରକାର ଥିଲା । ଗତ ୫୦ ବର୍ଷ ହେବ ଆମେରିକା ଭୟରେ ବଞ୍ଚିଛି । ୫୦ ବର୍ଷ ହେବ ଆମେରିକା ଓ ଇସ୍ରାଏଲର ମୃତ୍ୟୁ ହେବ ନାରା ଦେଇ ଆକ୍ରମଣ କରିଆସିଛି ଇରାନ । ସେମାନେ ବିଶ୍ୱକର ଆତଙ୍କବାଦର ଏକ ନମ୍ବର ରାଷ୍ଟ୍ର ପ୍ରାୟୋଜକ । ମୁଁ ପୁଣି ଥରେ କହୁଛି ରିଭଲ୍ୟୁସନାରୀ ଗାର୍ଡ, ଇରାନ ସେନା ଏବଂ ପୁଲିସ ଅସ୍ତ୍ରଶସ୍ତ୍ର ଛାଡି ସମର୍ପଣ କରନ୍ତୁ ନଚେତ୍ ମୃତ୍ୟୁର ସମ୍ମୁଖୀନ ହୁଅନ୍ତି ।''ଖାମେନେଇଙ୍କ ମୃତ୍ୟୁ ପରେ ଦୋହଲିଯାଇଛି ଇରାନ୍ । ଘମାଘୋଟ ହେବାରେ ଲାଗିଛି ଇରାନ୍-ଇସ୍ରାଏଲ୍ ଯୁଦ୍ଧ । ଥରାଉଛି ମିସାଇଲ ଓ ଡ୍ରୋନ୍ ବର୍ଷା । ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ ଜାରି ରଖିଥିବା ବେଳେ, ଯୁଦ୍ଧ ବିଭୀଷିକାର ଚିତ୍ର ସାରା ବିଶ୍ୱକୁ ଚିନ୍ତିତ କରିଛି । ଏସବୁ ଭିତରେ ନୂଆ ଅନ୍ତରୀଣ ସୁପ୍ରିମ ଲିଡରଙ୍କ ହାତରେ ଟେକିଛି ଦେଶର କ୍ଷମତା ଭାର । ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ । ଚାରିଆଡ଼େ ଯୁଦ୍ଧ ବିଭୀଷିକା । ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ପରେ ଗୋଟିଏ ପଟେ ପ୍ରତିଶୋଧ ପରାୟଣ ଇରାନ୍ । ଅନ୍ୟପଟେ ଏବେ ବି ରକ୍ତମୁଖା ଆମେରିକା ଓ ଇସ୍ରାଏଲ୍ ମିଳିତ ଶକ୍ତି । ଇରାନରେ ପୁଣି ଥରେ ଶୁଭିଛି ଧମାକା । ଧୂଆଁ ଧୂଆଁ ତେହରାନ୍ । ଏକାଧିକ ସ୍ଥାନରେ ମିସାଇଲ ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛି ଇସ୍ରାଏଲ୍ । ଇରାନ୍ ଆକ୍ରମଣରୁ ବିରତ ନହେଲେ ଭୟଙ୍କର ପରିଣାମ ଭୋଗିବ ବୋଲି ଟ୍ରମ୍ପ ନାଲି ଆଖି ଦେଖାଇବା ପରେ, ଉତ୍ତର ତେହରାନର ବିଭିନ୍ନ ସ୍ଥାନରେ ବୋମା ବର୍ଷଣ ହୋଇଛି । ବିଶେଷତଃ ସୁଡ଼ଙ୍ଗ କରି ଇରାନ୍ ମାଟି ତଳେ କ୍ଷେପଣାସ୍ତ୍ର ଓ ଘାତକ ଯୁଦ୍ଧାସ୍ତ୍ର ଲୁଚାଇଥିବା ଆଶଙ୍କା କରି, ଏହି ମିଜାଇଲ ସିଟିକୁ ମାଟିରେ ମିଶାଇଦେବାକୁ ଲକ୍ଷ୍ୟ ରଖିଛି ଇସ୍ରାଏଲ୍ ଡିଫେନ୍ସ ଫୋର୍ସ । ଏପଟେ ବଦ୍‌ଲା ନେଉଛି ଇରାନ୍ । ଖାମେନେଇଙ୍କ ମୃତ୍ୟୁ ପରେ ଇରାନ ଆମେରିକାର ୨୭ଟି ବାୟୁସେନା ଘାଟି ଉପରେ ମିସାଇଲ ମାଡ଼ କରିଛି । ଇସ୍ରାଏଲ ସମେତ ୯ଟି ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ ହୋଇଛି । ଇରାକ କୁର୍ଦ୍ଦିସ୍ତାନ ଆମେରିକା ବେସ୍ କ୍ୟାମ୍ପରେ ରକେଟ୍ ମାଡ଼ ହୋଇଥିବା ବେଳେ, କାତାର, ବାହାରିନ, କୁଏତ, ଓମାନ ଆଦି ଦେଶକୁ ବି ନିଶାନା ବନାଉଛି ଇରାନ୍ ସେନା । ଓମାନର ଡକମ ପୋର୍ଟରେ ଡ୍ରୋନ୍ ଆକ୍ରମଣ ହୋଇଛି । ଦୁବାଇର ସାରଜାହାରେ ଏକ ମଲ୍ ଉପରେ ବି ହମଲା ହୋଇଛି । ଖାମେନେଇଙ୍କ ମୃତ୍ୟ ପରେ ୪୦ ଦିନିଆ ଶୋକ ପାଳୁଛି ଇରାନ୍ । ଶହଶହ ଲୋକ ତେହେରାନ ଇଂଗହେଲାବ ଅଞ୍ଚଳରେ ଏକଜୁଟ ହୋଇ ସ୍ଥାନୀୟ ମସଜିଦରେ ପ୍ରାର୍ଥନା କରିଛନ୍ତି । ଏଥିସହ ଆମେରିକା ଓ ଇସ୍ରାଏଲ ବିରୋଧରେ ନାରାବାଜି ବି ଶୁଭିଛି । ଏହି ଅଞ୍ଚଳରେ ଏହି ଭୟଙ୍କର ଯୁଦ୍ଧ ମଧ୍ୟରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି । ଏହା ସହିତ ୟୁଏଇ ରାଷ୍ଟ୍ରପତିଙ୍କ ସହ ବି କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି ।

**ଯୁଦ୍ଧକୁ ନେଇ ଚିନ୍ତିତ ପ୍ରଧାନମନ୍ତ୍ରୀ ମୋଦି**

## ଏ ବର୍ଷ ଅଧିକ ଖରା



ଭୁବନେଶ୍ୱର, : ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମଲହରି ଅବଧି ଅଧିକ ରହିବ । ମାର୍ଚ୍ଚରୁ ମେ ମାସ ଭିତରେ ଅଧିକ ଦିନ ହିଟ୍‌ୱେଭ ରହିବ । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ ଦିନ ରହିପାରେ । ଉତ୍ତର ଓ କେନ୍ଦ୍ରୀୟ ଓଡ଼ିଶାରେ ୧୨ରୁ ୧୫ ଦିନ ଯାଏ ଗ୍ରୀଷ୍ମ ପ୍ରବାହ ଅଧିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି ) ପୂର୍ବାନୁମାନ କରିଛି। ଆଇଏମ୍‌ଡି ଜାରି କରିଥିବା ଆକଳନ ଅନୁସାରେ, ମାର୍ଚ୍ଚରୁ ମେ ମାସ ଯାଏ ସ୍ୱାଭାବିକଠାରୁ ଅଧିକ ତାତି ରହିବ । କିନ୍ତୁ ଦେଶର ଉତ୍ତର ପଶ୍ଚିମ ଭାଗ ଓ କେନ୍ଦ୍ରୀୟ ଭାଗରେ ତାପମାତ୍ରା ସ୍ୱାଭାବିକ ବା ସ୍ୱାଭାବିକଠାରୁ କମ୍ ରହିବ । ସେହିଭଳି ମାର୍ଚ୍ଚ ମାସରେ ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ବା ସ୍ୱାଭାବିକଠାରୁ କମ୍ ରହିବ ବୋଲି ଜାରି ହୋଇଥିବା ବିସ୍ତାରିତ ଆକଳନରେ କୁହାଯାଇଛି । ରାଜ୍ୟରେ ଏବେ ଗରମ ବଢ଼ିବ । ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ । ଏବେଠାରୁ ତାପମାତ୍ରା ବଢ଼ିବା ସହ ପ୍ରବଳ ଗରମ ଅନୁଭୂତ ହେଉଛି । ଆଗକୁ ଦିନବେଳା ଅସହ୍ୟ ଗରମ ହେବ । ପାଣିପାଗ ବିଭାଗ ଏହି ଆକଳନ କରିଛି । ଶନିବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୩୬.୬ ଡିଗ୍ରୀ ଥିଲା । ସୋନପୁରରେ ୩୫.୯ ଡିଗ୍ରୀ, ସୁନ୍ଦରଗଡ଼ରେ ୩୫.୮, ଭୁବନେଶ୍ୱର ଓ ଅନଗୁଳରେ ୩୫.୭, ତାଳଚେର ଓ ରାଉରକେଲାରେ ୩୫.୪ ଡିଗ୍ରୀ ରହିଥିଲା ।

### ● ଚାଷୀଙ୍କ ସମସ୍ୟା ନେଇ ତେଜୁଛି ଅସନ୍ତୋଷ

## ଜରି ବିଜେଡିର ବିକ୍ଷୋଭ



**ଯାଜପୁର, :** ମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲରେ ପ୍ରାୟ ୮ କିଲୋ କଟନଛଟନି କରାଯାଉଛି। ଟୋକନ ପ୍ରଦାନରେ ପ୍ରାୟ ୩୦ ପ୍ରତିଶତ ଧାନ କମ୍ ଦର୍ଶାଯାଉଛି। ଏଭଳି ସମସ୍ୟାକୁ ନେଇ ଚାଷୀ ପେଶି ହୋଇଗଲେଣି। ବିଜେପି ସରକାର ଆସିବା ପରେ ଚାଷୀ ମାରଣନୀତି ବଢି ଚାଲିଛି। ଏଭଳି ଚାଷୀଙ୍କ ସମସ୍ୟାକୁ ନେଇ ତେଜୁଛି ଅସନ୍ତୋଷ। ଯାହାକୁ ନେଇ ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତ ବିଜେଡି ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜରି ପଞ୍ଚାୟତ ବିଜେଡି ସଭାପତି ଉମେଶ ଚନ୍ଦ୍ର ନେତୃତ୍ୱରେ ଶତାଧିକ ମହିଳା, ଚାଷୀ ଓ ବିଜେଡି କର୍ମୀ ପଞ୍ଚାୟତ କାର୍ଯ୍ୟାଳୟରୁ ଏକାଠି ହୋଇ ଚାଷୀ ମାରଣ ନୀତି ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜରି ପାକ୍ସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣାରେ ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ମୁରଲି ବେହେରା, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ଜରି ପଞ୍ଚାୟତର ବରିଷ୍ଠ ବିଜେଡି ନେତା ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ, ଅମର ମଲ୍ଲିକ, ସମିତିସଭ୍ୟ ଅନୁସୟା ମଲ୍ଲିକ, ପ୍ରମୋଦ ସାମଲ, ସୁବ୍ରତ କୁମାର ସାମଲ, ବିନୋଦ ଦାସ, ଭ୍ରମରବର ମଲ୍ଲିକ, ଅରୁଣ ଧଳ, କୁମ୍ଭକର୍ଣ୍ଣ ମଲ୍ଲିକ, ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖଙ୍କ ସମେତ ବହୁ ଚାଷୀ ଓ ମହିଳା ସାମିଲ ହୋଇଥିଲେ।

## ସେତୁକୁ ବିପଦ ବେଆଇନ ବାଲି ଚାଲାଣ



**ଯାଜପୁର, :** ବିଞ୍ଝାରପୁର ତହସିଲ ଅଧୀନରେ ରହିଛି ୬ଟି ବାଲିଘାଟ। କିନ୍ତୁ ଏହାକୁ ଛାଡ଼ି ବେଆଇନ ଭାବେ ଡଙ୍ଗାରେ ଆଉ ଟ୍ରାକ୍ଟର ଲଗାଇ ମନଇଚ୍ଛା ବାଲି ଲୁଟ୍ କରୁଛନ୍ତି ମାଫିଆ। ବିଞ୍ଝାରପୁର ତହସିଲ ଅଧିନସ୍ଥ ଖରସ୍ରୋତା ନଦୀର ବଗମରା ସେତୁର ଠିକ୍ ୧୦୦ରୁ ୧୫୦ ମିଟର ପରିଧି ମଧ୍ୟରେ ଟ୍ରାକ୍ଟର ଲଗାଇ ବାଲି ଲୁଟ୍ ହେଉଥିବା ଅଭିଯୋଗ ଆସିଛି। ଯାହା ସେତୁ ପାଇଁ ବିପଦ ସୃଷ୍ଟି କରିବ ଏଥିରେ ତିଳେ ମଧ୍ୟ ସନ୍ଦେହ ନାହିଁ। ଏହି ସୁଉଚ୍ଚ ସେତୁ ଉପରେ ଯାଜପୁର ଜିଲ୍ଲାର ବିଞ୍ଝାରପୁର ଓ ଏବଂ ବରୀ ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଏହି ସେତୁର ସୁରକ୍ଷା ପ୍ରତି ସତେ ଯେମିତି ଆଖି ବୁଜି ଦେଇଛି ପ୍ରଶାସନ। ଯେତେବେଳେ ସେତୁର ଏତେ ନିକଟରୁ ବାଲି ଖନନ ତଥା ଉଠାଣକୁ ବାରଣ କରାଯାଇଛି, ସେତେବେଳେ ଜିଲା ଶାସନ ଓ ରୋକ୍ ଅଭାବରୁ ଲୁଟ୍ ନିୟମକୁ ଆଖିଠାର ମାରି ଚାଲିଛି ବାଲି ଉଠାଣ। ସେତୁର ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ● ବିଞ୍ଝାରପୁର ବ୍ଲକରେ ଦୁର୍ବଳ ଭିତ୍ତିଭୂମି

## ଧିମେଇଛି ପ୍ରାଥମିକ ଶିକ୍ଷା

### ଶିକ୍ଷକ, ଶ୍ରେଣୀ କୋଠରି, ଶୌଚାଳୟ, ପାନୀୟଜଳର ଅଭାବ



**ଯାଜପୁର, :** ଉପଯୁକ୍ତ ଭିତ୍ତିଭୂମି ଓ ମୌଳିକ ଅଭାବ ଅସୁବିଧା ଯୋଗୁଁ ବିଞ୍ଝାପୁର ବ୍ଲକରେ ପ୍ରାଥମିକ ଶିକ୍ଷା ଆଶାନୁରୂପକ ନୁହଁ। ସରକାର ପାଣି ଭଳି ପଇସା ଖର୍ଚ୍ଚ କରୁଥିବା ବେଳେ ଅଧିକାଂଶ ଶିକ୍ଷକ ଓ ଅଧିକାରୀଙ୍କ ପ୍ରୟାସ ସତ୍ତ୍ୱେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁନି। ଶିକ୍ଷାବିତ୍ ଡ. ପଦ୍ମଲୋଚନ ଧଳ, ନିର୍ମଳ ଚନ୍ଦ୍ର ସାମଲ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାଙ୍କୁ ୟୁନିଫର୍ମ, ମଧ୍ୟାହ୍ନ ଭୋଜନ ଭଳି ଯୋଜନା ମାଧ୍ୟମରେ ପାଠ ପଢିବା ପାଇଁ ଆକର୍ଷିତ କରୁଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କିମ୍ବା ଅଣ୍ଡାଯୁକ୍ତ ଖାଦ୍ୟ ଦେଇଦେଲେ ଶିକ୍ଷାର ବିକାଶ ହୁଏନି। ଉତ୍ତମ ଶିକ୍ଷାଦାନ ପାଇଁ ମୁଖ୍ୟତଃ ଆବଶ୍ୟକତା ଅନୁସାରେ ଶିକ୍ଷକ ନିଯୁକ୍ତି କରାଯିବା କଥା। ମାତ୍ର ବିଞ୍ଝାରପୁର ସମେତ ସାରା ରାଜ୍ୟରେ ଶିକ୍ଷକ ଅଭାବ। ପ୍ରଥମରୁ ୫ମ ଶ୍ରେଣୀ ପାଇଁ କେଉଁଠି ୨ରୁ ୩ କିମ୍ବା ୪ ଜଣ ବା କେତେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି। ଏବେ ଆଉ ଏକ ଶ୍ରେଣୀ ଶିଶୁ ବାଟିକା ଖୋଲି ସରକାର ବୋଝ ଉପରେ ନଳିତା ବିଡ଼ା ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି। ଶିଶୁ ବାଟିକା ଖୋଲାଯିବା ସ୍ୱାଗତଯୋଗ୍ୟ ମାତ୍ର ସେଥିପାଇଁ ଶିକ୍ଷକ ନିଯୁକ୍ତି କରା ନଗଲେ ସରକାରଙ୍କ ଲକ୍ଷ୍ୟ ହାସଲ ହେବ କେମିତି ବୋଲି ଅଭିଯୋଗକାରୀ ଶ୍ରୀ ଧଳ କୁହନ୍ତି । ଗୋଟିଏ ଶ୍ରେଣୀ କୋଠରୀରେ ୩ରୁ ୪ଟି ଶ୍ରେଣୀର ପିଲାଙ୍କୁ ବସାଇ ଶିକ୍ଷକ କିଭଳି ପାଠ ପଢାଉଥିବେ ତାଙ୍କୁ ବୁଝିବା ବାହାରେ। ସେହିପରି ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରିବା ଶିକ୍ଷାଦାନର ଅନ୍ତରାୟ ସୃଷ୍ଟି କରୁଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସ୍ମୃତିସଭା

**ଯାଜପୁର, :** ବିଞ୍ଝାରପୁର ଥାନା ମଧୁସୂଦନ ଗ୍ରାମର ରେଳ ବିଭାଗର ଅବସରପ୍ରାପ୍ତ ସରକାରୀ ହରିହର ସାମଲଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ସରୋଜ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଭାରତ ଭୂଷଣ ମଲ୍ଲିକ, ଶିକ୍ଷାବିତ୍ ପ୍ରମୋଦ କୁମାର ସାମଲ, ଗୁରୁଚରଣ ପଣ୍ଡା, ଶ୍ରୀଧର ସାମଲ, ବସନ୍ତ ରାଉତ, ମୀନକେତନ ପୁହାଣ, ଜ୍ଞାନେନ୍ଦ୍ର ବେଉରିଆ, ଭୁବନାନନ୍ଦ ସାମଲ, ସନ୍ତୋଷ ସାମଲ, ସଂଗ୍ରାମ ସାମଲ, ସୁବ୍ରତ ସାମଲ, ରବିନାରାୟଣ ପାଢୀ, ମନୋଜ ମଲ୍ଲିକ, ସରୋଜ ସାମଲ, ବିନୋଦ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ■ ଚାଷୀଙ୍କ ଟୋକନ ରଦ୍ଦ ହେବନି

## ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣା



**ଯାଜପୁର, :** ଧାନ ବିକ୍ରି ପାଇଁ ଚାଷୀ ପାଇଥିବା ଟୋକନ ଅବଧି ପରେ ମଧ୍ୟ ରଦ୍ଦ ହେବ ନାହିଁ ବୋଲି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀନିବାସ ସାମଲ କହିବା ସହ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ କିଣା ହେବ ବୋଲି ସ୍ପଷ୍ଟ କରିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଏ ସଂପର୍କିତ ଘୋଷଣା ସଂପର୍କରେ ଜରି ପ୍ରାଥମିକ କୃଷି ସମବାୟ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ସାମଲ ଚାଷୀମାନଙ୍କୁ ଅବଗତ କରାଇବା ସହ ବ୍ୟସ୍ତ ନ ହେବାକୁ କହିଛନ୍ତି। ଧାନକିଣା ସମସ୍ୟାକୁ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତାଙ୍କ ସୂଚନା ଅନୁସାରେ ଜରି ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜୀକରଣ କରିଥିବା ୧୩୮ ଚାଷୀଙ୍କ ମଧ୍ୟରୁ ୧୩୩ ଜଣଙ୍କୁ ଟୋକନ ମିଳିଛି। ସେଥିମଧ୍ୟରୁ କେତେକ ଚାଷୀଙ୍କ ଟୋକନ ରଦ୍ଦ ହେବାର ଆଶଙ୍କା ଦେଖାଦେଇ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଆଖି ନାଲି ପଡିଥିଲେ କରୁଛନ୍ତି କି ଅଣଦେଖା



ବେଳେବେଳେ କିଛି ଲୋକଙ୍କ ଆଖି ପ୍ରାୟତଃ ନାଲି ଦେଖାଯାଏ । ନାଲି ଆଖିର କାରଣ କଣ ଏବଂ ଏହା ଘରୋଇ ଉପଚାର ମାଧ୍ୟମରେ କିପରି ଠିକ ହୋଇପାରିବ ଆସନ୍ତୁ ଜାଣିବା ।ବେଳେବେଳେ କିଛି ଲୋକଙ୍କ ଆଖି ପ୍ରାୟତଃ ନାଲି ଦେଖାଯାଏ । ଆଖି ନାଲି ଥକାପଣ କାରଣରୁ ହୋଇଥାଏ । ଲାପଟପ କିମ୍ବା ଫୋନ ଅଧିକ ସମୟ ଧରି ଦେଖିବା ଦ୍ୱାରା ଆଖି ନାଲି ପଡିବାର ବଡ କାରଣ ହୋଇଥାଏ । ଅନେକ ଜୀବାଣୁ ମଧ୍ୟ ଏହି ସମସ୍ୟା ସୃଷ୍ଟି କରିପାରନ୍ତି । ଏହାଦ୍ୱାରା ଆଖି ପୋଡିବା ସହ ଯନ୍ତ୍ରଣା ମଧ୍ୟ ହୋଇଥାଏ । ତେବେ ନାଲି ଆଖିର କାରଣ କଣ ଏବଂ ଏହା ଘରୋଇ ଉପଚାର ମାଧ୍ୟମରେ କିପରି ଠିକ ହୋଇପାରିବ ଆସନ୍ତୁ ଜାଣିବା । ସଂକ୍ରମଣ କାରଣରୁ ଆଖି ନାଲି ପଡିଥାଏ । କୌଣସି ପ୍ରକାର ଭାଇରସ ବା ବ୍ୟାକ୍ଟେରିଆ ଆଖିକୁ ନାଲି କରିଦେଇଥାନ୍ତି । ଏହି ସଂକ୍ରମଣ ପାଇଁ ଆଖିରେ ପାଣି ବାହାରିଥାଏ । ଆଖିର ନାଲିପଣ ଏଲାର୍ଜି କାରଣରୁ ହୋଇଥାଏ । କିଛି ଲୋକଙ୍କୁ ଫୁଲର ବାସ୍ନା ପାଇଁ ଏଲାର୍ଜି ହୋଇଥାଏ । ଏହାଦ୍ୱାରା ବ୍ୟାପୁଥିବା ଏଲାର୍ଜି ପାଇଁ ଏବଂ ମାଟି ଧୂଳି ଉଡି ଆଖି ନାଲି ପଡିଥାଏ । କଣ୍ଟାକ୍ଟ ଲେନ୍ସ ବ୍ୟବହାର କାରଣରୁ ମଧ୍ୟ ଆଖି ନାଲି ପଡିଯାଏ । କିଛି ସମୟରେ ଲେନ୍ସକୁ ଆଖିରେ ଲଗାଇବା ଦ୍ୱାରା ଇନଫେକ୍ସନ ହୋଇ ଆଖି ପୋଡେ । ଯଦି ଆପଣ ଲେନ୍ସକୁ ରାତିରେ ପିନ୍ଧିକି ଶୋଉଛନ୍ତି ତେବେ ଏହା କ୍ଷତିକାରକ ହୋଇପାରେ । ଏହି କାରଣରୁ ଆଖିରେ ଥିବା କର୍ଣ୍ଣିଆ ଫୁଲିଥାଏ । ଯଦି ଆଖି ସର୍ବଦା ନାଲି ହୋଇ ରହୁଛି ତେବେ ଏହା ପଛରେ ବ୍ଲେଫରାଇଟିସ ନାମକ ଏକ ଭୟାନକ ରୋଗ ହୋଇପାରେ । ଏଥିରେ ଆଖିପତା କୁଣ୍ଡାଇ ହୋଇ ନାଲି ହୋଇଯାଏ । ବ୍ଲେଫରାଇଟିସ ରୋଗ ଖରାପ ବ୍ୟୁଟି ପ୍ରଡକ୍ଟ କାରଣରୁ ହୋଇଥାଏ । ଏକ୍ସପାୟର ବ୍ୟୁଟି ପ୍ରଡକ୍ଟ ଯଦି ଆଖିରେ ଲାଗାଉଛନ୍ତି ତେବେ ଏହି ରୋଗର ସାମ୍ନା କରିବାକୁ ପଡିଥାଏ । ନାଲି ପଡୁଥିବା ଆଖିର ଯଦି ଚିକିତ୍ସା କରାଯାଏ ନାହିଁ ତେବେ ଏହା ଏକ ଗମ୍ଭୀର ରୂପ ଧାରଣ କରିଥାଏ । ଠିକ ସମୟରେ ଏହାର ଯତ୍ନ ନେବା ନିହାତି ଆବଶ୍ୟକ । ନାଲି ଆଖି ହେବା ଦ୍ୱାରା କିଛି ସାବଧାନତା ଅବଲମ୍ବନ କରିବା ନିହାତି ଆବଶ୍ୟକ । ଏଥିପାଇଁ ପ୍ରଥମେ ହାତକୁ ଭଲଭାବେ ଧୋଇ ନିଅନ୍ତୁ । ଏହାପରେ ଆଣ୍ଟି ବ୍ୟାକ୍ଟେରିଆଲ ଡ୍ରପକୁ ଆଖିରେ ପକାନ୍ତୁ ।



*ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ ।*

# ଖାଲି ପେଟରେ କାହିଁକି ଖାଇବା ଉଚିତ୍ ଟମାଟୋ ?

ଆପଣ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ଟମାଟୋ ଏକ ଏପରି ପରିବା ଯାହାକୁ ଭାରତରେ ବହୁଳ ଭାବରେ ବ୍ୟବହାର କରାଯାଏ । ଏହାକୁ କୌଣସି ବି ତରକାରୀରେ ପକାଇଦେଲେ ତାର ସ୍ୱାଦ ବଢିଯାଏ । ଏଥିସହିତ ଟମାଟୋକୁ ତ୍ୱଚା ପାଇଁ ମଧ୍ୟ ବ୍ୟହାର କରାଯାଏ । କିନ୍ତୁ ଆପଣ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମକୁ କଣ ସ୍ୱାସ୍ଥ୍ୟଗତ ଫାଇଦା ଦେଇଥାଏ । ଟମାଟୋକୁ ଖାଲିପେଟରେ ସେବନ ଦ୍ୱାରା ମିଳିଥାଏ ଏହିସବୁ ଫାଇଦା

**ପେଟ ଥଣ୍ଡା ରୁହେ:**
କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସୋବନ କରିବା ଉଚିତ୍ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**ପେଟରେ ଥିବା ଜୀବାଣୁ ନଷ୍ଟ:**
ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବେ ଏଥିସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

**ଦୂର ହୁଏ ହୃଦ ରୋଗ ସମସ୍ୟା:**
ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲେଭିନ ଆଦି ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**ବଢ଼ିବ ଦୃଷ୍ଟିଶକ୍ତି:**
ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ । କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ । ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ୍ୟ କୋମଳ ଏବଂ ଚିକ୍କଣ କରିଥାଏ ।

# ଆପଣ ସୁସ୍ଥ ଅଛନ୍ତି କି ନାହିଁ



ନୂଆଦିଲ୍ଲୀ: ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ, ଭଲ ନିଦ ଓ ଚିନ୍ତାମୁକ୍ତ ରହିବା ନିହାତି ଆବଶ୍ୟକ ହୋଇଥାଏ। ଯଦି ଆପଣ ଏସବୁ ଦିଗ ପ୍ରତି ଧ୍ୟାନ ଦେବେ ତେବେ ଏକ ସୁସ୍ଥ ଜୀବନଯାପନ କରି ପାରିବେ। ଏମିତି କିଛି ଲକ୍ଷଣ ରହିଛି ଯାହାକି ଏକ ସୁସ୍ଥ ଶରୀରକୁ ସୂଚିତ କରିଥାଏ। ପ୍ରଥମତଃ ଆପଣଙ୍କୁ ଶୋଇବା ସମୟରେ ଯଦି ୩୦ମିନିଟ ମଧ୍ୟରେ ନିଦ ଆସି ଯାଉଛି ତେବେ ଏହା ଏକ ସୁସ୍ଥ ଶରୀର ଲକ୍ଷଣ ହୋଇଥାଏ। ସେହିପରି ମହିଳାମାନଙ୍କ କ୍ଷେତ୍ରରେ ଯଦି ୨୧ରୁ ୪୫ ଦିନ ମଧ୍ୟରେ ଋତୁସ୍ରାବ ଆସୁଛି। ତେବେ ଏହା ବି ସୁସ୍ଥ ଶରୀର ଏକ ସଙ୍କେତ ରହିଛି। ଏଥିସହିତ ଦିନ ଭିତରେ ଆପଣ ଆପଣଙ୍କ ଦୈନନ୍ଦିନ କାମ କରିବା ସମୟରେ ଯଦି କ୍ଲାନ୍ତ ଅନୁଭବ କରୁ ନାହାନ୍ତି ତେବେ ଆପଣ ସୁସ୍ଥ ଅଛନ୍ତି ବୋଲି ଜାଣି ରଖନ୍ତୁ। ସେହିପରି କେ ?ୌଣସି ଜିନିଷକୁ ଯଦି ଆପଣ ସହଜରେ ମନେ ରଖି ପାରୁଛନ୍ତି, ଏହା ଏକ ସୁସ୍ଥ ମସ୍ତିଷ୍କର ସଙ୍କେତ ଅଟେ। ଏହି କ୍ରମରେ ପ୍ରତିଦିନ ମଳତ୍ୟାଗ କଲା ବେଳେ ଯଦି କୌଣସି ଅସୁବିଧା ହେଉନାହିଁ, ଏହାବି ଶରୀର ସୁସ୍ଥ ଥିବାକୁ ସୂଚିତ କରେ। ଶିଢ଼ି ଚଢ଼ିବା ସମୟରେ ଯଦି ଜୋ ?ରଜୋରରେ ନିଶ୍ୱାସ ଚାଲୁ ନାହିଁ ତେବେ ଏହା ସୁସ୍ଥ ହୃଦୟର ସଙ୍କେତ ଦିଏ। ସେହିପରି କୌଣସି ସ୍ଥାନରେ ଆଘାତ ଲାଗିଲେ ଯଦି ଘା' ଠିକ ସମୟରେ ଶୁଖିଯାଉଛି, ତେବେ ଜାଣି ରଖନ୍ତୁ ଶରୀରର ଇମ୍ୟୁନି ସିଷ୍ଟମ ଠିକ ଅଛି। ଚର୍ମ ଯଦି କୁଣ୍ଡେଇ ହେଉ ନାହିଁ କି ବ୍ରଣ ସମସ୍ୟା ନାହିଁ ଜାଣି ରଖନ୍ତୁ ଶରୀର ସୁସ୍ଥ ଅଛି । କାରଣ ଶରୀର ଭିତରେ କୌଣସି ଅସୁବିଧା ଥିଲେ ତାହା ସିଧାସଳଖ ଚର୍ମ ଉପରେ ପଡ଼ିଥାଏ।

# ଆସିଗଲା ଆମ୍ବର ଦିନ



*ଆମ୍ବ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ। କମ୍ ବ୍ୟବଧାନରେ ଭୋକ ଲାଗିଥାଏ। ଦୃଷ୍ଟିଶକ୍ତି ତଥା ଆଖିଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ବି ଆମ୍ବ ଖାଇବା ଦ୍ୱାରା କରାଯାଇ ପାରେ।*

ଆସିଗଲା ଆମ୍ବର ଋତୁ। ବଜାରରେ ଏବେ ବିଭିନ୍ନ ରକମର ଆମ୍ବର ଭିଡ଼ ଜମିବ। ଆମ୍ବ ଖାଇବାକୁ କାହାକୁ ବା ଭଲ ଲାଗେନା ଆମ୍ବ ଏକ ଏପରି ଫଳ ତାହାକୁ ବିଭିନ୍ନ ଢଙ୍ଗରେ ଲୋକେ ଖାଇବାକୁ ପସନ୍ଦ କରିଥାନ୍ତି। କେହି କେହି ପାଚିଲା ଆମ୍ବ ଖାଇବାକୁ ପସନ୍ଦ କରନ୍ତି ତ ପୁଣି କେହି ତାହାକୁ ଜୁସ୍ କରି ପିଇବାକୁ ଭଲପାଆନ୍ତି। ଆମ୍ବ ଜେଲି, ଆମ୍ବସଢ଼ା ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ରହିଛି ଆମ୍ବକୁ ନେଇ। ଜାଣିରଖନ୍ତୁ ଯେ ଆମ୍ବ କେବଳ ପାଟି ସୁଆଦ ପାଇଁ ନୁହେଁ, ବରଂ ଏହା ଶରୀର ପାଇଁ ମଧ ଖୁବ୍ ଉପକାରୀ ହୋଇଥାଏ। ଆମ୍ବ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ। କମ୍ ବ୍ୟବଧାନରେ ଭୋକ ଲାଗିଥାଏ। ଦୃଷ୍ଟିଶକ୍ତି ତଥା ଆଖିଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ବି ଆମ୍ବ ଖାଇବା ଦ୍ୱାରା କରାଯାଇ ପାରେ। ଏହା କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ତ୍ୱଚାକୁ ଚିକ୍କଣ କରିଥାଏ। ଅଧିକ ମଧୁମେହ ରୋଗୀ ଭାବିଥାନ୍ତି ଆମ୍ବ ରକ୍ତରେ ଶର୍କରା ଭାଗକୁ ବଢ଼ାଇ ଥାଏ। ମାତ୍ର ତାହା ଭୁଲ୍ ଧାରଣା। ମଧୁମେହ ରୋଗୀମାନେ ବି ଆମ୍ବ ଖାଇପାରିବେ, କିନ୍ତୁ ଏଥିଲାଗି ଡାକ୍ତରଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। ପ୍ରଚୁର ଆମ୍ବ ଖାଉଥିବା ବ୍ୟକ୍ତିଙ୍କ ଭିତରେ କର୍କଟ ହେବାର ସମ୍ଭାବନା ଖୁବ୍ କମ୍ ଥାଏ। ଏହା ତ୍ୱଚା ଭଲ ରଖିବା ସହ କେଶ ପାଇଁ ବି ଖୁବ୍ ଭଲ ହୋଇଥାଏ। ଆପଣ ଯଦି ଉତ୍ତମ କେଶ ଓ ତ୍ୱଚା ଚାହାନ୍ତି ତେବେ ପ୍ରଚୁର ଆମ୍ବ ଖାଆନ୍ତୁ।

## ବାସ୍ ୩ଟି ସରଳ ଉପାୟରେ ଦୂର ହେବ

# ହଜମ ସମସ୍ୟା..

ସୁସ୍ଥ ଶରୀର ପାଇଁ ଖାଦ୍ୟ ଭଲ ଭାବେ ହଜମ ହେବା ନିତାନ୍ତ ଆବଶ୍ୟକ। ଭୁଲ ଖାଦ୍ୟପେୟ ଓ ଜୀବନଶୈଳୀ କାରଣରୁ ହଜମ କ୍ରିୟା ଉପରେ କୁପ୍ରଭାବ ପଡିଥାଏ। ଏହାସହ ହଜମ ଶକ୍ତି ଧିରେ ଧିରେ ଦୁର୍ବଳ ହେବାକୁ ଆରମ୍ଭ କରିଥାଏ। ହଜମ କ୍ରିୟା ସଠିକ ଭାବେ କାର୍ଯ୍ୟ ନକରିବା ଦ୍ୱାରା ଅନେକ ସମସ୍ୟା ହୋଇଥାଏ। ଏଭଳି କେତେକ ପାନୀୟ ରହିଛି, ଯାହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

**ମେଥି ପାଣି:** ମେଥି ଦାନାରେ ଭିଟାମିନ ସି, ଫାଇବର, ମାଗ୍ନେସିୟମ, କ୍ୟାଲସିୟମ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ମେଥି ପାଣି ସେବନ ଦ୍ୱାରା ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବାରେ ସହାୟକ ହୋଇଥାଏ। ପାଚନ ତନ୍ତ୍ର ସୁସ୍ଥ ରହିଥାଏ। ଏଥିପାଇଁ ଏକ ଗ୍ଲାସ ପାଣିରେ ଅଳ୍ପ ମେଥି ଦାନା ପକାଇ ଏହାକୁ ଫୁଟାନ୍ତୁ। ଏହାକୁ ପିଅନ୍ତୁ। ଏହାଦ୍ୱାରା ବଦହଜମି ସମସ୍ୟା ଦୂର ହୋଇଥାଏ। ଅଦା ଓ ଗୋଲମରିଚର ପାଣି ପିଇବା ପାଚନ ତନ୍ତ୍ର ପାଇଁ ବେଶ ଲାଭଦାୟକ ହୋଇଥାଏ। ଅଦାରେ ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ରହିଛି। ଯାହା ପାଚନ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଏହା ଏସିଡିଟି ଓ ବଦହଜମି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।ଅଦାରେ ଓ ଗୋଲମରିଚ ଚା'ରେ ସାମାନ୍ୟ ମହୁ ମଧ୍ୟ ମିଶାଇ ପାରିବେ। ଏହାର ସେବନ କରିବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ହଜମ ଶକ୍ତିକୁ ଶକ୍ତିଶାଳୀ କରିବା ପାଇଁ ସକାଳେ ଖାଲି ପେଟରେ ପାନମଧୁରୀ ପାଣି ପିଇପାରିବେ। ପାନମଧୁରୀରେ ଫାଇବର, ଜିଙ୍କ,ଆଇରନ ଓ ପୋଟାସିୟମ ଭଳି ପୋଷକ ତତ୍ତ୍ୱ ରହିଛି। ପାନମଧୁରୀ ଖାଦ୍ୟକୁ ଭଲ ଭାବେ ହଜମ କରିବାରେ ସହାୟକ ହୋଇଥାଏ। ପାନମଧୁରୀ ପାଣି ପିଇବା ଦ୍ୱାରା ଏସିଡିଟି, ବାନ୍ତି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

## ପ୍ଲେଟେଲେଟ୍ସ ବଢ଼ାଇବା ପାଇଁ

# ପିଜୁଳି ପତ୍ର



*ଡେଙ୍ଗୁ ରୋଗୀଙ୍କ ଠାରେ ପ୍ଲେଟେଲେଟସ ଅତି ଦ୍ରୁତ ଗତିରେ ହ୍ରାସ ପାଇଥାଏ । ଏଥିପାଇଁ ଡାକ୍ତର ସର୍ବଦା ଡେଙ୍ଗୁ ରୋଗୀଙ୍କୁ ପ୍ଲେଟେଲେଟସ ବଢ଼ାଇବା ପାଇଁ ପରାମର୍ଶ ଦେଇଥାନ୍ତି । ଗ୍ରୀନ ଟି, ସବୁଜ ପରିବା ଓ ଅମୃତ ଭଣ୍ଡା ପତ୍ର ପ୍ଲେଟେଲେଟସ ବଢ଼ାଇଥାଏ । ଏହାଛଡା ପିଜୁଳି ପତ୍ର ମଧ ପ୍ଲେଟେଲେଟସ ବଢ଼ାଇବାରେ ସାହାଯ୍ୟ କରିଥାଏ ।*

ଡେଙ୍ଗୁ ଜର ଏକ ମାରାତ୍ମକ ରୋଗ । ଏହି ଜର ହେଲେ ବିପଦ ହେଉଛି ରକ୍ତରେ ପ୍ଲେଟେଲେଟ୍ସ ବା ରକ୍ତ କଣିକା କମିଯିବା । ରକ୍ତରେ ପ୍ଲେଟେଲେଟସ କମିଗଲେ ରୋଗୀର ମୃତ୍ୟୁ ଆଶଙ୍କା ବଢ଼ିଯାଇଥାଏ । ତେଣୁ ପ୍ଲେଟେଲେଟସ ବୃଦ୍ଧି ପାଇଁ ଡାକ୍ତରମାନେ ସର୍ବଦା ପରାମର୍ଶ ଦେଇଥାନ୍ତି । ଏବେ ବର୍ଷା ଦିନେ ଡେଙ୍ଗୁ ଜର ଅଧିକାଂଶ ଲୋକଙ୍କୁ ହେଉଥିବା ଦେଖାଯାଉଛି । ଏହି ଜର ହେଲେ ଭୀଷଣ ଭାବେ ଜର ଆଶିବା ସହ ବାନ୍ତି, ଦେହ ହାତ ବିନ୍ଧା ଓ ମୁଣ୍ଡ ବିନ୍ଧା ଆଦି ଦେଖାଯାଇଥାଏ । ଡେଙ୍ଗୁ ରୋଗୀଙ୍କ ଠାରେ ପ୍ଲେଟେଲେଟସ ଅତି ଦ୍ରୁତ ଗତିରେ ହ୍ରାସ ପାଇଥାଏ । ଏଥିପାଇଁ ଡାକ୍ତର ସର୍ବଦା ଡେଙ୍ଗୁ ରୋଗୀଙ୍କୁ ପ୍ଲେଟେଲେଟସ ବଢ଼ାଇବା ପାଇଁ ପରାମର୍ଶ ଦେଇଥାନ୍ତି । ଗ୍ରୀନ ଟି, ସବୁଜ ପରିବା ଓ ଅମୃତ ଭଣ୍ଡା ପତ୍ର ପ୍ଲେଟେଲେଟସ ବଢ଼ାଇଥାଏ । ଏହାଛଡା ପିଜୁଳି ପତ୍ର ମଧ୍ୟ ପ୍ଲେଟେଲେଟସ ବଢ଼ାଇବାରେ ସାହାଯ୍ୟ କରିଥାଏ । ତେଣୁ ପିଜୁଳି ପତ୍ରର କାଢ଼ା ପ୍ରସ୍ତୁତ କରି ସେବନ କରନ୍ତୁ । ଏଥିରେ ଥିବା ଏଣ୍ଟିଅକ୍ସିଡାଣ୍ଟ, ଏଣ୍ଟି ବ୍ୟାକ୍ଟରିଆଲ ଓ ଏଣ୍ଟି ଇନଫ୍ଲାମାଟୋରୀ ଗୁଣ ଓ କେରୋଟେନାଇଡସ, ପଲିଫେନୋଲସ ଓ ଫ୍ଲେବୋନାଇଡସ ସବୁ ପ୍ରକାର ରୋଗର ପ୍ରତିଶେଧକ ପାଇଁ ବହୁତ ଫଳପ୍ରଦ ହୋଇଥାଏ ।



**କେମିତି କରିବେ ସେବନ :**
ଏଥିପାଇଁ ପିଜୁଳିର କିଛି ପତ୍ରକୁ ୫ କପ ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ । ପରେ ଏଥିରେ ସ୍ୱାଦ ଅନୁସାରେ ମହୁ ମିଶାଇ ଡେଙ୍ଗୁ ରୋଗୀଙ୍କୁ ପିଇବାକୁ ଦିଅନ୍ତୁ । ଦିନରେ ଏହାକୁ ୩ ଥର ସେବନ କରନ୍ତୁ । ଦେଖିବେ ପ୍ଲେଟଲେଟ୍ସ ଦ୍ରୁତ ଗତିରେ ବଢ଼ିବ । ଏହାର ସେବନ ଦ୍ୱାରା ସୁଗାର ମଧ୍ୟ କଣ୍ଟ୍ରୋଲ ହେବ ।

# ଖରାଦିନେ ଏହାକୁ କରନ୍ତୁ ସେବନ; ଶୀଘ୍ର କମିବ ଓଜନ..

ଓଜନ ହ୍ରାସ ପାଇଁ ଅନେକ ଇଚ୍ଛୁକ। ତେବେ ଓଜନ ହ୍ରାସ ନିମନ୍ତେ ଖରାଦିନକୁ ସବୁଠାରୁ ଉତ୍ତମ ବୋଲି କୁହାଯାଏ। ଏହି ଋତୁରେ ମୋଟାପଣ ହ୍ରାସ ପାଇଁ ବିଭିନ୍ନ ଉପାୟ ଆପଣାଇ ପାରିବେ। ଖରାଦିନେ କିଛି ସ୍ୱତନ୍ତ୍ର ଖାଦ୍ୟ ଓ ପାନୀୟ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ମୋଟାପଣ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ଉତ୍ତମ ସ୍ୱାସ୍ଥ୍ୟ ପାଇଁ ତରଭୁଜ ବେଶ ଲାଭଦାୟକ। ଏଥିରେ ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। ଏହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏହା ଶରୀରରେ ଜଳର ଅଭାବ ଦୂର କରିଥାଏ। ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହୋଇ ରହିବା ନେଇ ଅନୁଭବ ହୋଇଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାର ଆବଶ୍ୟକତା ନଥାଏ। ଓଜନ ହ୍ରାସ ପାଇଁ ଏହାକୁ ନିଜ ଖାଦ୍ୟରେ ସାମିଲ କରିପାରିବେ। ଏହାକୁ ସାଲାଡ ଭାବେ ମଧ୍ୟ ଖାଇପାରିବେ। କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏଥିରେ ପ୍ରୋଟିନ, କାର୍ବୋହାଇଡ୍ରେଟ, କ୍ୟାଲସିୟମ, ଆଇରନ, ଭିଟାମିନ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଏହାର ସେବନ କରିବା ଦ୍ୱାରା ମୋଟାପଣ ହ୍ରାସ ହେବାରେ ସହାୟକ ହୋଇଥାଏ। ଦହି ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏହାସହ ଖାଦ୍ୟକୁ ଭଲ ଭାବେ ହଜମ ମଧ୍ୟ କରିଥାଏ। ଓଜନ ହ୍ରାସ ପାଇଁ ଏହାର ସେବନ କରିପାରିବେ। ଏହା ଫ୍ୟାଟ୍ କମ୍ କରିବାରେ ସହାୟକ ହୋଇଥାଏ। ଏହାର ସେବନ କରିବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ। ଲେମ୍ବୁ ପ୍ରାକୃତିକ ଭାବେ ଶରୀରରୁ ଅଦରକାରୀ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ। ଏହା ଶରୀରରୁ ଫ୍ୟାଟ୍ ଦୂର କରିଥାଏ।





# ବୀରମହାରାଜପୁରରେ ଦୋଳ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ

**ବୀରମହାରାଜପୁର, :** ବୀରମହାରାଜପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଅପରାହ୍ନ ୩ ଟାରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଦୋଳ ପୂର୍ଣ୍ଣିମା ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ ତାରିଖରେ ଥିବା ଦୋଳ ପୂର୍ଣ୍ଣିମା ପାଇଁ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦୋଳ ପୂର୍ଣ୍ଣିମା ସୁଚାରୁ ରୂପେ ଆୟୋଜନ ପାଇଁ କଣ ଆବଶ୍ୟକୀୟ ପ୍ରଶାସନିକ ପଦକ୍ଷେପ ନିଆଯାଇପାରିବ ଏବଂ ଦେବ ବରଣ, ହରିହର ଭେଟର ସମୟ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଆସିଷ୍ଟାଣ୍ଟ ଜିଲ୍ଲାପାଳ ଶୁଭମ ଶତପଥି, ଅଜିତ ମିର୍ଧା, ବୀରମହାରାଜପୁର ଥାନା ଅଧିକାରୀ ସରଙ୍ଗଧର ପାଣିଗ୍ରାହୀ, ଚମ୍ପେଶ୍ୱର ଦୋଳ ପୂର୍ଣ୍ଣିମା ଯାତ୍ରାର ସଭାପତି କିଶୋର ହୋତା, ରାମକୃଷ୍ଣ ହୋତା, ଭୂଷଣ କୁମାର ପାତ୍ରଙ୍କ ସମେତ ବିଭିନ୍ନ ମନ୍ଦିର



କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଦୋଳ ପୂର୍ଣ୍ଣିମା ଯାତ୍ରାକୁ ସୁରକ୍ଷିତ ଏବଂ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମେଳଣ ପଡିଆକୁ ଆହୁରି ସମ୍ପ୍ରସାରଣ କରାଯିବା ବୋଲି ଉପଜିଲ୍ଲାପାଳ କହିଛନ୍ତି। ଏହା ଦ୍ୱାରା କିଛି ମାତ୍ରାରେ ଅଧିକ ଦର୍ଶକ ଯାତ୍ରାର ଭରପୁର ମଜା ନେଇପାରିବେ। ଚମ୍ପେଶ୍ୱର ପୂଜା କମିଟିର ସଦସ୍ୟମାନେ ତାଙ୍କର ମଣ୍ଡପର ମରାମତି ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହାର ମରାମତି ଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ କୁହାଯାଇଛି।ଏହିବର୍ଷ ଯେହେତୁ ଗ୍ରହଣ ଅଛି, ଗୋଟେ ଦିନ ଆଗରୁ ଦେବ ବରଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ହରିହର ମିଳନ ସକାଳ ୫.୩୦ରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦର୍ଶକଙ୍କ ସଂଖ୍ୟାକୁ ଆଖିଆଗରେ ରଖି, ଯେପରି ସବୁ ଅଘଟଣକୁ ଏଡାଇ ଦିଆଯାଇପାରିବ, ସେଥିପାଇଁ କର୍ଡନ ରହିବ ଏବଂ ଏହି କର୍ଡନ ଭିତରେ ୬ଟି ପୂଜା କମିଟିର ୩୦ ଜଣ ଲେଖାଏଁ ସଦସ୍ୟ ଏବଂ ପୂଜକ ଓ ଚମ୍ପେଶ୍ୱର ପୂଜା କମିଟିର ୭୦ ଜଣଙ୍କୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମେଳଣ ପଡିଆ ଭିତରେ ବାଣ ଫଟାଇବାକୁ ଉପଜିଲ୍ଲାପାଳ କଡାକଡି ଭାବରେ ମନା କରିଥିଲେ। ଯାତ୍ରାରେ ପାନୀୟ ଜଳର ବ୍ୟବସ୍ଥା, ମେଳଣ ପଡିଆକୁ ଯାଇଥିବା ରାସ୍ତାର ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା ଏବଂ ମେଳଣ ପଡିଆକୁ କିପରି ସଫାସୁତରା ରଖାଯାଇପାରିବ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ କହିଛନ୍ତି। ଶେଷରେ ଉପଜିଲ୍ଲାପାଳ ଏବଂ ଉପସ୍ଥିତ ଅଧିକାରୀମାନେ ମେଳଣ ପଡିଆ ପରିଦର୍ଶନ କରିଛନ୍ତି ଏବଂ କମିଟି ସଦସ୍ୟଙ୍କ ସହଯୋଗରେ ଆଗାମୀ ଦିନରେ ଉଠା ଦୋକାନୀମାନଙ୍କୁ ତାଗିଦ କରାଯିବା ଏବଂ ମଇଳା ପକେଇଲେ ଫାଇନ ହେବ ବୋଲି ଶ୍ରୀ ମେହେର ସୂଚନା ଦେଇଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଉତ୍ତର ପ୍ରଦେଶ ରାଜ୍ୟର ଦମ୍ପତି




**ପାରଳାଖେମୁଣ୍ଡି, :** ଗଜପତି ଜିଲ୍ଲାରୁ ୭୯ ଓ ୮୦ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପୋଷ୍ୟ ସନ୍ତାନ ଭାବେ ଉତ୍ତର ପ୍ରଦେଶ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳଶ୍ରମ, ହାତିବାଡି ଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଦ୍ୱୟଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଦ୍ୱୟଙ୍କର ବୟସ ଯଥାକ୍ରମେ ୧୦ ବର୍ଷ (କନ୍ୟା) ଓ ୧୩ ବର୍ଷ (ପୁତ୍ର) ହୋଇଥିବା ବେଳେ, ଶିଶୁଦ୍ୱୟଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ସଦସ୍ୟା ମମତାରାଣୀ ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳଶ୍ରମ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲୋମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୀପକ ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି



**ଦିଗପହଣ୍ଡ, :** ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୦ ନଂ ୱାର୍ଡ କାଉନସିଲର ଦୀପକ କୁମାର ମିଶ୍ର ପୁଣିଥରେ ଦିଗପହଣ୍ଡି ନଗର କଂଗ୍ରେସ କମିଟିର ସଭାପତି ଭାବେ ମନୋନୀତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ପୂର୍ବ କଂଗ୍ରେସ କମିଟି ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଗୁରୁବାର ଦିନ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦୀପକଙ୍କୁ ଏହି ଗୁରୁ ଦାୟିତ୍ୱ ଦେବା ସହ ଦ୍ୱିତୀୟ ଥର ପାଇଁ ନଗର କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି କରିଛନ୍ତି। ପୂର୍ବରୁ ମଧ ଦୀପକ ୨୦୨୧ ରୁ ୨୦୨୫ ପର୍ଯ୍ୟନ୍ତ ଦିଗପହଣ୍ଡି ଏନ୍.ଏସି ପାଇଁ ସଭାପତି ରହିଥିଲେ। ଏହି ଦାୟିତ୍ୱ ମିଳିବା ପରେ ସେ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ଅଭିନନ୍ଦନ ବାର୍ତ୍ତା ଛୁଟି ଆସୁଥିବା ଜଣାପଡିଛି। ଏହି ଅବସରରେ ନବ ମନୋନୀତ ସଭାପତି ଦୀପକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଦିଗପହଣ୍ଡି ଏନ୍ ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ . କୁନାକୁ କୃତଜ୍ଞତା ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଲାଗିଲା ନାମ ଫଳକ

**ନୟାଗଡ଼, :** ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ତଥା ଜିଲ୍ଲାରେ ଯୋଗଦାନ କରିଥିବା ନୂତନ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ପ୍ରବେଶ ପଥରେ ଲାଗିଲା ବିଦ୍ୟାଳୟ ନାମ ଫଳକ। ଦୀର୍ଘ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟର ନବ ନିର୍ମିତ ମୁଖ୍ୟ ଫାଟକରେ ଥିବା ନାମ ଫଳକ ସ୍ଥାନ ଖାଲି ପଡିଥିଲା। ସୂଚନା ଯୋଗ୍ୟ ଯେ,ନୟାଗଡ଼ ଜିଲ୍ଲା ସଦର ମହକୁମାର ଏନଏସି ଉଚ୍ଚ ବିଦ୍ୟାଳୟ ଏକ ପ୍ରମୁଖ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଟେ। ଏଠାରୁ ଉତ୍ତୀର୍ଣ୍ଣ ହୋଇ ଥିବା ଅଧିକାଂଶ ଛାତ୍ରଛାତ୍ରୀ ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠା ଲାଭ କରି ବିଦ୍ୟାଳୟର ମାନ ବଢ଼ାଇଛନ୍ତି। ତେବେ ଗତ ସରକାର ସମୟରେ ଏହି ବିଦ୍ୟାଳୟଟି ୫-ଟି ମାନ୍ୟତା ପାଇଥିବା ବେଳେ ଏହାର ମୁଖ୍ୟ ପ୍ରବେଶ ପଥକୁ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇ ଥିଲା। ନବନିର୍ମିତ ମୁଖ୍ୟ ପ୍ରବେଶ ପଥରେ ଲଗା ଯାଇଥିବା ନିୟନ ଲାଇଟରେ ନିର୍ମିତ ନାମ ଫଳକଟି ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଲାଗିବାର



ମାତ୍ର କିଛି ଦିନ ମଧ୍ୟରେ ଏହା ଖସି ପଡି ଭାଙ୍ଗି ଯାଇଥିଲା। ତେବେ ଏହାକୁ ମରାମତି କରି ପୁନଃ ସ୍ଥାପନ କରିବା ପାଇଁ ବ୍ଲକ ପ୍ରଶାସନକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଫଳରେ ବିନା ନାମ ଫଳକରେ ଦୀର୍ଘ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟ ଚାଲିଥିବା ବେଳେ ବିଦ୍ୟାଳୟ ତଥା ବ୍ଲକ ପ୍ରଶାସନର ଉଦାସୀନତାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏପରିକି ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ ତଥା ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ବିଭିନ୍ନ ପ୍ରବେଶିକା ପରୀକ୍ଷା, ପ୍ରତିଯୋଗିତା ମୂଳକ ପରୀକ୍ଷା,ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ତଥା ଶିକ୍ଷା ବିଭାଗର ବିଭିନ୍ନ କର୍ମଶାଳା ମାନ ଆୟୋଜିତ ହେଉଥିବା ବେଳେ ନାମ ଫଳକ ନଥିବାରୁ ବାହାରୁ ଆସୁଥିବା ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟକୁ ଖୋଜି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଇତି ମଧ୍ୟରେ ଜିଲ୍ଲାରେ ଯୋଗଦାନ କରିଥିବା ନୂତନ ଜିଲ୍ଲାପାଳ ମଧୁମିତା ରଥଙ୍କ ନଜରକୁ ଏହି ଘଟଣା ଆସିବା ପରେ ତୁରନ୍ତ ନାମ ଫଳକ ଲଗାଇବା ପାଇଁ ବ୍ଲକ ପ୍ରଶାସନକୁ ତାଗିଦ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶନ ଏବଂ ଜିଲ୍ଲାପାଳଙ୍କ ତାଗିଦ ପରେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲିଖିତ ଦୁଇଟି ନାମ ଫଳକ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ମୁଖ୍ୟ ପ୍ରବେଶ ପଥରେ ଲଗାଯାଇ ଥିବାରୁ ସାଧାରଣରେ ଜିଲ୍ଲାପାଳଙ୍କୁ ପ୍ରଶଂସା କରାଯାଇଛି।

## ଢୋଲରେ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡ଼ା, :** କେନ୍ଦ୍ରାପଡା ବ୍ଲକ ଅଧିନ ଢୋଲ ପଞ୍ଚାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞଙ୍କୁ ଗରାପୁର ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀମା ଯଜ୍ଞର ଉପକାରିତା ଓ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରି କହିଲେ ଯଜ୍ଞ କଲେ ବର୍ଷା ହେବ। ଫଳରେ ପୃଥିବୀ ସଶ୍ୟଶାମଳା ହୋଇପାରିବା ସହ ଭଲ ଫଳ ଫଳିବ ଓ ପୃଥିବୀ ଶାନ୍ତ ରହିବା ସହ ମାନବସମାଜ ମଧ୍ୟ ଶାନ୍ତିରେ



ବସବାସ କରିବ। ଯଜ୍ଞଦ୍ୱାରା ପଞ୍ଚଭୁତ ସ୍ୱଧନ ହେବା ସହ ପବିତ୍ର ହୋଇଥାଏ। ଯଜ୍ଞ ସନାତନ ଧର୍ମର ବିଭିନ୍ନ କର୍ମରୁ ଅନ୍ୟତମ ଅଟେ। ଏହା କରାଯିବା ଦ୍ୱାରା ଅନ୍ୟର ଉପକାର ହୋଇଥାଏ। ପୃଥିବୀରେ ଥିବା ମାନବ ସମାଜ ସମେତ ବୃକ୍ଷ, ଲତା ଓ ପ୍ରାଣୀମାନଙ୍କର ମଧ୍ୟ ଉପକାର ହୋଇଥାଏ। ଯଜ୍ଞଦ୍ୱାରା ଇନ୍ଦ୍ରାଦି ଦେବଗଣ ସନ୍ତୁଷ୍ଟ ହେଉଥିବାରୁ ପୃଥିବୀକୁ ଅନ୍ନଦାନ କରିଥାନ୍ତି। ଏହି ଅନ୍ନ ପାଇ ଜୀବ, ଜନ୍ତୁ, ବୃକ୍ଷ, ଲତା ଓ ମାନବ ସମାଜ ଜୀବନ ଧାରଣ କରିଥାନ୍ତି ବୋଲି ଶ୍ରୀମା ଅର୍ଶିବଚନ ପ୍ରଦାନ କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ଦାସ, ଶ୍ରୀଜଗନ ଦଇତାପତି, ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥମାନେ ଯଜ୍ଞର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ।

## ବନ୍ତଲା ସ୍କୁଲରୁ ଶିକ୍ଷକଙ୍କ ବଦଳି ଦାବିରେ ବିଇଓଙ୍କୁ ଦାବିପତ୍ର



**ହାଟଡିହ, :** ବନ୍ତଲା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ବଦଳି ପାଇଁ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି କିଛି ଅଭିଭାବକ। ସେମାନଙ୍କ ଅଭିଯୋଗ ଅନୁଯାଇ ବିଦ୍ୟାଳୟରେ ଥିବା ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ପରିଡା ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଶିକ୍ଷକତା କରିଆସୁଛନ୍ତି। ସେ ଦୀର୍ଘ ବର୍ଷଧରି ଏଠାରେ ଆସ୍ଥାନ ଜମାଇ ଥିବାରୁ ଶିକ୍ଷାଦାନ କାର୍ଯ୍ୟ ଛାଡି ରାଜନୀତି କରୁଛନ୍ତି। ଅଧିକାଂଶ ଦିନ ବିଦ୍ୟାଳୟରେ ବିଳମ୍ବରେ ପହଁଚି ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ପଳାଇଛନ୍ତି। ଏ ନେଇ କୌଣସୀ ଅଭିଭାବକ ପ୍ରଶ୍ନ କଲେ ସେ ଧମକ ଚମକ ଦେଇର ମହଁ ବନ୍ଦ କରାଉଛନ୍ତି। ତୁରନ୍ତ ଏପରି ଶିକ୍ଷକଙ୍କୁ ଏହି ବିଦ୍ୟାଳରୁ ଅନ୍ୟତ୍ର ବଦଳିକରି ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ କେଶବ ଜେନା, ପ୍ରଫୁଲ୍ଲ ପ୍ରଧାନ, ନାରାୟଣ ପ୍ରଧାନ, ରମେଶ ରଣା, ସୁରେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଜଗନ୍ନାଥ ଜେନା, ଦିଲୀପ ଜେନା ପ୍ରମୁଖ ଦାବି କରିଛନ୍ତି। ସେମାନେ ଏନେଇ କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରେ ଅଭିଯୋଗ ପାଇଛି ତଦନ୍ତ କରାଯିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତ୍ତନ ଦ୍ରୁତ ଗତିରେ ଘଟୁଛି

**ରାଞ୍ଚି, :** ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ ରାଞ୍ଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ରାଞ୍ଚିକୁ ତାଙ୍କର ତିନି ଦିନିଆ ଗସ୍ତରେ ଯାଇ ରାଞ୍ଚି ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ସମ୍ପର୍କରେ ଗଣମାଧ୍ୟମ ଏବଂ ପ୍ରସାରଣ କ୍ଷେତ୍ରରେ ହେଉଥିବା ଡିଜିଟାଲ ପରିବର୍ତ୍ତନ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତ୍ତନ ଦ୍ରୁତ ଗତିରେ ଘଟୁଛି ଏବଂ ଭାରତ ମଧ୍ୟ ଏହି ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସେ କହିଛନ୍ତି ଯେ ଜନସାଧାରଣଙ୍କ ସୂଚନା ଏବଂ ମନୋରଞ୍ଜନର ବ୍ୟବହାର ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆସିଛି, ଯାହା ସୂଚନା ପ୍ରସାର ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଛି। ନୂତନ ମନୋରଞ୍ଜନ ମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମର ଆଗମନ ସହିତ, ବିଷୟବସ୍ତୁର ପ୍ରକୃତି ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବଦଳୁଛି। ସେ କହିଥିଲେ ଯେ ଗଣମାଧ୍ୟମ କ୍ଷେତ୍ରରେ ଆଜି ଅନେକ ଧାରା ପ୍ରଚଳିତ ରହିଛି, ଯାହା ୩୦ ବର୍ଷ ପୂର୍ବେ ନଥିଲା। ବୈଷୟିକ



ପ୍ରଗତି ସହ ସ୍ଥାନୀୟ କଣ୍ଟେଣ୍ଟର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି। ବିଶେଷ କରି ରାଞ୍ଚି ଭଳି ସହରରେ ଏହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଶ୍ରୀ ମିଶ୍ର ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ସ୍ଥାନୀୟ ବିଷୟବସ୍ତୁ ଏବଂ ଆଞ୍ଚଳିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଫ.ଏମ. ପ୍ରସାରଣରେ ସୃଜନଶୀଳତାର ବିପୁଳ ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରି ସେ କର୍ମଚାରୀମାନଙ୍କୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ପ୍ରସାରଣ କ୍ଷେତ୍ରରେ ଆର୍ଥିକ ଦିଗ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲାଭର ଉଦ୍ଦେଶ୍ୟ ରଖି କେବେ ବି ଜନସେବାର ମୌଳିକ ଲକ୍ଷ୍ୟକୁ ଦୁର୍ବଳ କରିବା ଉଚିତ ନୁହେଁ। କାର୍ଯ୍ୟକ୍ରମ ସମୟରେ, ଗଣମାଧ୍ୟମ ଏବଂ ପ୍ରସାରଣର ପରିବର୍ତ୍ତିତ ପ୍ରକୃତି, ଡିଜିଟାଲ୍ ଯୁଗରେ ବିଷୟବସ୍ତୁ ସୃଷ୍ଟି, ସୂଚନା ପ୍ରସାରରେ ନୂତନ ଧାରା ଏବଂ ଜନସେବା ପ୍ରସଙ୍ଗରେ ପ୍ରସାରଣ ଗଣମାଧ୍ୟମର ଭୂମିକା ଉପରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ଆଲୋଚନା ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଜ୍ଞାନପ୍ରଦ ଏବଂ ପ୍ରେରଣାଦାୟୀ ଥିଲା। ରାଞ୍ଚି ଆକାଶ ବାଣୀ କେନ୍ଦ୍ରର ମୁଖ୍ୟ ଶ୍ରୀ ଡି. ସି. ହେମ୍ବ୍ରମ୍, କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଜାଭିୟର୍ କାଣ୍ଡୁଲନା, ସମ୍ବାଦ ବିଭାଗ ମୁଖ୍ୟ ଶ୍ରୀମତୀ ମହବିଶ୍ ରହମାନ୍, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ପ୍ରଭୁ ଶରଣ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ କୁମାର ଲାଲ୍, ଆକାଶ ବାଣୀ କେନ୍ଦ୍ରର ଉଦଘୋଷକମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ଜାହାଙ୍ଗୀର ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ସମାରୋହ

# 'ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱ'




**ଧାମନଗର, :** ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜାହାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠାନର ୧୧ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ସଭାରେ ଶିଶୁ ମନ୍ଦିରର ସଭାପତି ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ବାରିକ କାର୍ଯ୍ୟକ୍ରମକୁ ସଫଳତାର ସହ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିରଜା ପ୍ରସନ୍ନ ରାଉତ ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଜିତ ବେହେରା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଶୋକ ନାୟକ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ କିଶୋର କୁମାର ପାଣିଗ୍ରାହୀ ଶିଶୁ ମନ୍ଦିରର ଶିକ୍ଷାଦାନ ପଦ୍ଧତି ଓ ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ଘଡାଇ, ବିପିନି ବିହାରି ରାଉତ, ଖଗେଶ୍ୱର ତ୍ରିପାଠୀ, ଶ୍ୟାମ ସୁନ୍ଦର ବାରିକ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କ ଶୈକ୍ଷିକ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ଗାନ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଗୁରୁମା ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ସାଙ୍ଗ ହୋଇଥିଲା।

## ଓଡ଼ିଆ ଅସ୍ମିତାକୁ ହତ୍ୟା

# ପାରଳାଖେମୁଣ୍ଡି ପରିବର୍ତ୍ତେ 'ପର୍ଲେଖାମୁଣ୍ଡି'

**ପାରଳାଖେମୁଣ୍ଡି, :** ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଏନ୍ତୁଡିଶାଳ ପାରଳାଖେମୁଣ୍ଡିରେ ଓଡିଆ ଅସ୍ମିତାକୁ ସିଧାସଳଖ ହତ୍ୟା କରାଯାଇଥିବା ଦେଖାଦେଇଛି। ଓଡ଼ିଆ ଭାଷାର ବ୍ୟାନରକୁ ଆନ୍ଧ୍ରରେ ତିଆରି କରିବା ଯୋଗୁଁ ପାରଳାଖେମୁଣ୍ଡିକୁ ବିକୃତ ଭାବେ ପର୍ଲେଖାମୁଣ୍ଡି ବୋଲି ଲେଖାଗଲା। ଏନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହୋଇଛି। ଏହି ମେଳା ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଜାକଜକମରେ ଅନୁଷ୍ଠିତ ହେଉଛି। ତଥାପି ମେଳାରେ ଦର୍ଶକଙ୍କ ଅଭାବ ଯୋଗୁଁ ଚେୟାର ଗୁଡିଖ ଖାଁ ଖାଁ ରହିଥିବାର ଦେଖିବାକୁ ମିଳିଛି। ଏଥିରେ ଲଗାଯାଇଥିବା ବ୍ୟାନର ଆନ୍ଧ୍ରରେ ତିଆରି କରାଯାଇଥିବା ଯୋଗୁଁ ଐତିହାସିକ ସହର ପାରଳାଖେମୁଣ୍ଡି ନାମ ବଦଳରେ 'ପର୍ଲେଖାମୁଣ୍ଡି' ମୁଦ୍ରିତ ହୋଇଥିବାର ଦେଖିବାକୁ ମିଳୁଛି। ତେବେ ସାମାନ୍ୟ ଭୁଲ ରହିଥିଲେ ତାହା ଅଲଗା କଥା। ହେଲେ ଏହି ଐତିହାସିକ ସହରର ନାମକୁ ସମ୍ପୂର୍ଣ୍ଣ ବିଚିତ୍ର ଓ ବିକୃତ ଭାବେ ଲେଖାହୋଇଛି। ଯାହାକୁ ନେଇ ସହରର ବିଭିନ୍ନ ମହଲରେ ନାନାଦି




ଆଲୋଚନା ହେବା ସହ ଅସନ୍ତୋଷ ବୃଦ୍ଧି ପାଇଛି। ଏପରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯେଉଁ ବ୍ୟକ୍ତି ବ୍ୟାନେର ମୁଦ୍ରିତ ବାବଦକୁ ଦାୟିତ୍ୱରେ ରହିଛନ୍ତି ସେ ସମ୍ଭବତଃ ଆନ୍ଧ୍ରରେ ମୁଦ୍ରଣ କରିଛନ୍ତି। କାରଣ ଆନ୍ଧ୍ରରେ କମ୍ ଖର୍ଚ୍ଚରେ ବ୍ୟାନେର ତୟାର ହେଉଛି। ଯଦି ଓ ଓଡିଶା ତଥା ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମୁଦ୍ରିତ କରିଥିଲେ ଅନ୍ତତଃ ଏହାକୁ ଛପାଉଥିବା ଦୋକାନୀ ଜଣକ ଅନ୍ତତଃ ସିଧାସଳଖ ଏପରି ତ୍ରୁଟିପୂର୍ଣ୍ଣ ବନାନକୁ ଜାଣିପାରନ୍ତା। ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ଅର୍ଥ ଲୋଭରେ ଆନ୍ଧ୍ରରେ ଏପରି ମୁଦ୍ରିତ କରିଥିବା ଆଲୋଚନା ହେଉଥିବା ବେଳେ ଏପରି ଘୋର ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ଜିଲ୍ଲା ପ୍ରଶାସନ କ୍ଷମା ମାଗନ୍ତୁ ଏବଂ ଏହାକୁ ସଜାଡନ୍ତୁ ବୋଲି ଦାବୀ ହୋଇଛି। ଅନ୍ୟପକ୍ଷରେ ଓଡିଶାର ଏନ୍ତୁଡିଶାଳ କୁହାଯାଉଥିବା ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲାରେ ଭାଷାର ସ୍ଥିତିରେ ସୁଧାର ଆସିବା ବଦଳରେ ଅଧିକ ନିମ୍ନଗାମୀ ହୋଇଥିବା ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଯେଉଁ ସବୁ ଅଞ୍ଚଳ ଓଡିଶା ବାହାରେ ରହିଯାଇଥିଲା ସେହି ଅଞ୍ଚଳର ଓଡିଆମାନେ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏପରି ସ୍ଥିତିରେ ଗୋଟିଏ ପଟେ ବିଚ୍ଛିନ୍ନାଞ୍ଚଳରେ ଭାଷାକୁ ସୁରକ୍ଷା ମିଳୁଥିବା ବେଳେ ଉପାନ୍ତରେ ଭାଷାର ସ୍ଥିତି ଦୟନୀୟ। ଏହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଗଜପତି ବିଚିତ୍ରା ନନ୍ଦ ବେବର୍ତ୍ତା କହିଛନ୍ତି ଯେ ସରକାର ଓଡିଆ ଅସ୍ମିତାର କଥା କହୁଛନ୍ତି। ହେଲେ ଉପାନ୍ତ ଅଞ୍ଚଳ ତଥା ଓଡିଶା ପ୍ରଦେଶ ଗଠନର ଏନ୍ତୁଡି ଶାଳାରେ ଏପରି ଲେଖିବା ଠିକ୍ ନୁହେଁ। ନାରୀ ଶସକ୍ତିକରଣ ପାଇଁ ନେଉଥିବା ପଦକ୍ଷେପ ପ୍ରଶଂସନୀୟ ହୋଇଥିବା ବେଳେ ଏପରି ଅପଭ୍ରଂଶ ଶବ୍ଦ ଲେଖିବା ଠିକ୍ ନୁହଁ। ଏପରି ଶବ୍ଦ ମା ମାଟି ମାତୃଭୂମୀ ପାଇଁ ଅପମାନଜନକ ଶବ୍ଦ ବୋଲି ଅନୁଭବ କରାଯାଉଥିବାର କହିଛନ୍ତି।

## ୧ରେ ସାହିତ୍ୟ ଦର୍ପଣର ୨୬ତମ ବାର୍ଷିକ ଉତ୍ସବ

**ଧର୍ମଶାଳାପାରଳାଖେମୁଣ୍ଡି, :** ଧର୍ମଶାଳା ଅଂଚଳରୁ ଦୀର୍ଘ ବର୍ଷ ହେଲା ପ୍ରକାଶ ପାଇ ଆସୁଥିବା ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ଛବିଶତମ ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ଏକ ତାରିଖ ରେ ଜାରକା ଠାରେ ଧର୍ମଶାଳା ଷ୍ଟାଡିୟମ ପରିସର ରେ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଉଦଘାଟକ, ବିଶିଷ୍ଟ କବି ଅଭୟ ନାୟକ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ମିନତୀ ସାହୁ ଯୋଗଦେବେ। ସେହିପରି ପୂର୍ବାହ୍ନରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ସୁଚେତା ମିଶ୍ର ଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ ବିଶିଷ୍ଟ ଗାଳ୍ପିକ ପ୍ରକାଶ ମହାପାତ୍ର, ବିଶିଷ୍ଟ ସଂଳାପ ଲେଖକ ବିଜୟ ମଲ୍ଲ ଯୋଗଦେବେ। ଏହି ଅବସରରେ କବି ଡକ୍ଟର ସଂଘମିତ୍ରା ରାଏଗୁରୁଙ୍କୁ ମର୍ଯ୍ୟାଦା ଜନକ ସାହିତ୍ୟ ଦର୍ପଣ ପୁରସ୍କାର, କବି ରାଜୀବ ପାଣିଙ୍କୁ ସାହିତ୍ୟ ଦର୍ପଣ ସ୍ୱତନ୍ତ୍ର ସମ୍ମାନ, କବି ବୃନ୍ଦାବନ ଦାସ, ଡକ୍ଟର୍ ସ୍ମୃତି ପଟ୍ଟନାୟକ, ଅଧ୍ୟାପକ ଗିରିଜା ଶଙ୍କର ସେଠୀ, ଟିଭି ଉପସ୍ଥାପକ ଅବିନାଶ ଷଡ଼ଙ୍ଗୀ ଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ, କବି ପଲ୍ଲବୀ ଦାସଙ୍କୁ ଯୁବ ପ୍ରତିଭା ସମ୍ମାନ, ସଫଳ ଉଦ୍ୟୋଗୀ ଭାବେ ବ୍ରହ୍ମାନନ୍ଦ ସାହୁ ଙ୍କୁ ସମ୍ମାନିତ କରାଯିବ।

ଖରସ୍ରୋତା
ସୁପରଫାଷ୍ଟ

ମାର୍ଚ୍ଚ, ୨୦୨୬
MARCH-2026



## ମଞ୍ଚରେ ସହିପାରିଲେନି ଅପମାନ

କେରଳ ବିଧାନସଭା ନିର୍ବାଚନ ପାଇଁ ଦଳର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବାକୁ କଂଗ୍ରେସ ହାଇକମାଣ୍ଡ ଦ୍ୱାରା ଡକାଯାଇଛି ବୈଠକ । ଯେଉଁଥିରେ କଂଗ୍ରେସ ସାଂସଦ ଶଶି ଥରୁର ଯୋଗ ଦେବେ ନାହିଁ । କୋଚିରେ ଅନୁଷ୍ଠିତ ଏକ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ଥରୁର 'ଅପମାନିତ' ଅନୁଭବ କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦଳର ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକରେ ଥରୁରଙ୍କ ଅନୁପସ୍ଥିତି ଉଚ୍ଚସ୍ତରୀୟ ରାଜ୍ୟ ନିର୍ବାଚନ ପୂର୍ବରୁ ଦଳ ଭିତରେ ଥିବା ଦ୍ୱନ୍ଦ୍ୱକୁ ଇଙ୍ଗିତ କରୁଛି । କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି ଯେ, ସେ ବର୍ତ୍ତମାନ କଂଗ୍ରେସର ରାଜ୍ୟ ଏବଂ କେନ୍ଦ୍ରୀୟ ନେତୃତ୍ୱ ଉପରେ କ୍ଷୁବ୍ଧ, ଯେଉଁ କାରଣରୁ ସେ ବୈଠକରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ରିପୋର୍ଟ ଅନୁସାରେ, ଥରୁର ତାଙ୍କର ନିକଟତମ ସହକର୍ମୀଙ୍କ ପାଖରେ ନିଜର ନିରାଶା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ, ଏହି ଘଟଣା ଦଳରେ ତାଙ୍କ ଅବଦାନକୁ ଅଣଦେଖା କରିବାର ଏକ ବଡ଼ ନମୁନାକୁ ପ୍ରତିଫଳିତ କରେ । କୋଚି କାର୍ଯ୍ୟକ୍ରମରେ ବସିବା ବ୍ୟବସ୍ଥା ଏବଂ ଭାଷଣ ସୂଚୀରେ ସମସ୍ୟା ଦେଖାଦେଇଥିଲା । ରିପୋର୍ଟ ଅନୁଯାୟୀ, ଥରୁରଙ୍କୁ କୁହାଯାଇଥିଲା ଯେ ତାଙ୍କ ପରେ କେବଳ ରାହୁଲ ଗାନ୍ଧୀ କହିବେ, କିନ୍ତୁ ପରେ ଅନ୍ୟ ନେତାମାନେ ମଧ୍ୟ ଭାଷଣ ଦେଇଥିଲେ । ଏହି ଅବ୍ୟବସ୍ଥା ସର୍ବସାଧାରଣରେ ଥରୁରଙ୍କ ବରିଷ୍ଠତା ପ୍ରତି ଅପମାନ ବୋଲି ସେ କହିଥିଲେ । ପ୍ରାରମ୍ଭିକ ନିର୍ଦ୍ଦେଶ ସତ୍ତ୍ୱେ, ରାହୁଲ ଗାନ୍ଧୀଙ୍କ ଭାଷଣ କାର୍ଯ୍ୟକ୍ରମ ସରିବା ପରେ ଦଳର ଅନ୍ୟ ନେତାମାନେ କାର୍ଯ୍ୟକ୍ରମରେ ଭାଷଣ ଦେଇଥିଲେ । ଯାହା ପରେ ଶଶି ଥରୁର ରାଗି ଯାଇଥିଲେ । ବକ୍ତାଙ୍କ କ୍ରମ ସମ୍ପର୍କରେ ପ୍ରୋଟୋକଲର ଉଲ୍ଲଂଘନ ମଧ୍ୟ ଦେଖାଯାଇଥିଲା । ଏହି ଘଟଣା ଦଳୀୟ କର୍ମୀଙ୍କ ମଧ୍ୟରେ ଶୃଙ୍ଖଳା ଏବଂ ବରିଷ୍ଠ ନେତାଙ୍କ ପ୍ରତି ସମ୍ମାନ ବିଷୟରେ ଏକ ବିତର୍କ ସୃଷ୍ଟି କରିଛି । ମହାପଞ୍ଚାୟତରେ ତାଙ୍କ ଭାଷଣ ସମୟରେ ରାହୁଲ ଗାନ୍ଧୀ ଶଶି ଥରୁରଙ୍କ ନାଁକୁ ବାଦ୍ ଦେଇଥିଲେ । ଏହି ଅବହେଳା ଶଶି ଥରୁରଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି । ଥରୁର କଂଗ୍ରେସ ହାଇକମାଣ୍ଡ ବୈଠକରେ ଯୋଗ ଦେବେ ନାହିଁ । ସେ ଆଜି କେରଳ ସାହିତ୍ୟ ମହୋତ୍ସବରେ ଅଂଶଗ୍ରହଣ କରିବେ । କଂଗ୍ରେସ ଦଳ ଶଶି ଥରୁରଙ୍କ ଅଭିଯୋଗ ଅନୁଯାୟୀ, ଶରୀ ଥରୁରଙ୍କ ଅସନ୍ତୋଷ କିମ୍ବା କେରଳ ନିର୍ବାଚନ ବୈଠକରେ ସେ ଯୋଗ ନଦେବା ନିଷ୍ପତ୍ତି ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇନାହିଁ ।

## ପ୍ରମାଣ ଦେଇ ନପାରି ହଟହଟା !

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ବିଜେଡିରେ ଆରମ୍ଭ ହୋଇଯାଇଛି ବିଦ୍ରୋହ। ପାଟକୁରାର ଶହ ଶହ ବିଜେଡି କର୍ମୀ ଆଜି ଶ୍ରୀ ମହାପାତ୍ରଙ୍କ ସମର୍ଥନରେ ବାହାରି ଭୁବନେଶ୍ୱରରେ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ' ଘେରାଉ କରିଛନ୍ତି। ସେମାନେ କେବଳ ଦଳରୁ ବିଧାୟକଙ୍କ ନିଲମ୍ବନ ବିରୋଧରେ ପ୍ରତିବାଦ କରି ନାହାନ୍ତି, ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ତାଙ୍କ ନିଷ୍ପତ୍ତି ପରିବର୍ତ୍ତନ କରନ୍ତୁ ବୋଲି କହିଛନ୍ତି। ନିଷ୍ପତ୍ତି ନବଦଳିଲେ ସେମାନେ ବିଧାୟକଙ୍କ ସହିତ ରହିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶଙ୍ଖ ଭବନରେ ଦଳର ବରିଷ୍ଠ ନେତାମାନେ ସେମାନଙ୍କ ସହିତ ଆଲୋଚନା କରି ଏହି ପ୍ରସଙ୍ଗରେ ସଭାପତିଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାଟକୁରାବାସୀଙ୍କୁ ହଇରାଣ କରିଥିବାରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦୁଇ ଦିନ ତଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଓ ଏନେଇ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ତାଙ୍କ ଉଦ୍ୟମ ବିଫଳ ହୋଇଛି। ନିଲମ୍ବନ ପରଠାରୁ ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗର ପ୍ରମାଣ ମାଗୁଥିବା ବେଳେ ଆଜି ପାଟକୁରାର ଶହ ଶହ ଦଳୀୟ କର୍ମୀ ତାଙ୍କ ସମର୍ଥନରେ ବାହାରି ପ୍ରମାଣ ମାଗିଛନ୍ତି, ତାହା ପୁଣି ଶଙ୍ଖ ଭବନ ଘେରାଉ କରି। ଆଜି ଶଙ୍ଖ ଭବନ ଘେରାଉ କରିବାକୁ ଆସିଥିବା ବିଜେଡି କର୍ମୀମାନେ କହିଛନ୍ତି ଯେ ସେମାନେ କେବଳ ଅରବିନ୍ଦଙ୍କ ସମର୍ଥକ ନୁହନ୍ତି। ସେମାନେ ସମସ୍ତେ ବିଜେଡିର କର୍ମୀ। ବିଧାୟକଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ସେମାନେ କହିଛନ୍ତି। ସେ ବିଜେଡିରେ ମିଶିବା ପରଠାରୁ ସେମାନେ ତାଙ୍କ ସହିତ ଅଛନ୍ତି। ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରି ନାହାନ୍ତି। ସେ ଦୁର୍ନୀତି କରି ନାହାନ୍ତି କି ଦଳ ସହ ବିଶ୍ୱାସଘାତ କରି ନାହାନ୍ତି। ଏ ସବୁ ମିଥ୍ୟାଭିଯୋଗ। ବିଧାୟକଙ୍କ ସହିତ କେବଳ ଗୋଟିଏ ଜିନିଷ ଘଟିଛି। ତାଙ୍କ ବିରୋଧରେ ଚକ୍ରାନ୍ତ କରାଯାଇଛି। ସେହିପରି ବିଧାୟକ ଶ୍ରୀ ମହାପାତ୍ର ପାଟକୁରାବାସୀଙ୍କ ସେବା କରିବା ବଦଳରେ ସେମାନଙ୍କୁ ହଇରାଣ କରୁଥିବା ନେଇ ସଭାପତି ନବୀନ ପଟ୍ଟନାୟକ ଦେଇଥିବା ମନ୍ତବ୍ୟକୁ ଦଳୀୟ କର୍ମୀମାନେ ସ୍ପଷ୍ଟ ଭାବେ ଖଣ୍ଡନ କରିଛନ୍ତି। ସେମାନଙ୍କ କହିବା କଥା ଯେ



ଯଦି ବିଧାୟକ ହଇରାଣ କରୁଥା'ନ୍ତେ, ତା'ହେଲେ ଆଜି ଦଳର ଏତେ କର୍ମୀ କାହିଁକି ଏଠାରେ ଏକାଠି ହୋଇଥା'ନ୍ତେ। ଏମିତିକି ଶଙ୍ଖ ଭବନ ଘେରାଉ କରିବାକୁ ଆସିଥିବା ବିଜେଡିର ଏହି କର୍ମୀଙ୍କ ମଧ୍ୟରୁ କେହି କେହି ନବୀନଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ପଚାରିଛନ୍ତି ଯେ ନବୀନ ଏକ କର୍ପୋରେଟ୍ ସଂସ୍ଥାର ମୁଖ୍ୟ କି? ସେ ଏକ ରାଜନୀତିକ ଦଳର ମୁଖ୍ୟ। ତା'ହେଲେ ବିଧାୟକଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପର୍କରେ ସେମାନଙ୍କ ମତାମତ କାହିଁକି ନେଲେ ନାହିଁ। କାହିଁକି କୁଚକ୍ରୀ ଗୋଷ୍ଠୀଙ୍କ କଥା ଶୁଣି ଏକପାଖିଆ ନିଷ୍ପତ୍ତି ଶୁଣାଇଲେ? ଅରବିନ୍ଦଙ୍କ ଏହି ସମର୍ଥକ ତଥା ବିଜେଡି କର୍ମୀମାନଙ୍କ ମଧ୍ୟରୁ ଆଉ କିଛି ଜଣ ଖୋଲା ଖୋଲି ଭାବେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ଅତନୁ ଜାଣିଗଲେଣି ଯେ ମହାକାଳପଡ଼ାରେ ଆଉ ତାଙ୍କ ଭବିଷ୍ୟତ ନାହିଁ। କାରଣ ସେଠାରେ ବିଧାୟକ ହୋଇଥିବା ବିଜେପିର ଦୁର୍ଗା ପ୍ରସନ୍ନ ନାୟକ ନିଜ ସ୍ଥିତିକୁ ବେଶ୍ ଦୃଢ଼ କରିସାରିଛନ୍ତି। ସେଥିପାଇଁ ପାଟକୁରା ଉପରେ ସେ ଆଖି ପକାଇଛନ୍ତି। ଆଗାମୀ ଦିନରେ ପାଟକୁରାରୁ ନିର୍ବାଚନ ଲଢ଼ିବାକୁ ସେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିରୋଧରେ ଚକ୍ରାନ୍ତ କରିଛନ୍ତି। ଶଙ୍ଖ ଭବନ ଘେରାଉ କରିଥିବା ବିଜେଡିର ଏହି ଶହ ଶହ କର୍ମୀଙ୍କ ଏକ ଟିମ୍ ସେମାନଙ୍କ ଦାବି ସଂପର୍କରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ପ୍ରତା ଜେନା ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ସେମାନେ କହିଥିଲେ ଯେ ପ୍ରତାପ ଜେନା ଓ ଦେବୀ ପ୍ରସାଦ ମିଶ୍ର ଆମକୁ ପ୍ରତିଶ୍ରୁତି ଦେଇଛନ୍ତି। ପୁନର୍ବିଚାର କରିବାକୁ ସେମାନେ ସମୟ ମାଗିଛନ୍ତି। ପୁନର୍ବିଚାର କରାଯିବ ବୋଲି ସେମାନେ କହିଛନ୍ତି। ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ଜଣାଇବେ ବୋଲି କହିଛନ୍ତି। କିନ୍ତୁ ଏନେଇ କୌଣସି ସମୟ ସୀମା ଦେଇ ନାହାନ୍ତି। ସେମାନେ ଆହୁରି କହିଛନ୍ତି ଯେ ସେମାନେ ଏକ ଫୋରମ ଦେଇ ଯିବାକୁ ଚାହୁଁଥିଲୁ। ତେଣୁ ଆଜି ଦଳର ବରିଷ୍ଠ ନେତାମାନଙ୍କୁ ଭେଟି ଦାବି ଜଣାଇଛୁ। ଆମର ଯୋଜନା ଥିଲା ଦଳର ସଭାପତିଙ୍କୁ ଭେଟି ଦାବି ଜଣାଇବାକୁ। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ନବୀନ ନିଷ୍ପତ୍ତି ନବଦଳେଇଲେ ସେମାନେ କ'ଣ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରେ ବିଜେଡିର ଏକ କର୍ମୀମାନେ କହିଛନ୍ତି ଯେ ସେମାନେ ଏବେ ବିଜେଡିରେ ଅଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଓ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସହିତ ଅଛନ୍ତି। କିନ୍ତୁ ସେମାନଙ୍କ ନିଷ୍ପତ୍ତି ପୂରା ସ୍ପଷ୍ଟ। ଯଦି ନିଲମ୍ବନ ଆଦେଶ ପ୍ରତ୍ୟାହାର ନହୁଏ, ତା'ହେଲେ ସେମାନେ ବିଧାୟକଙ୍କ ସହିତ ରହିବେ। ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥକମାନେ ପାଟକୁରାରୁ ଭୁବନେଶ୍ୱର ଆସୁଥିବା ଖବର ମିଳିବା ପରେ ପ୍ରଶାସନ ପକ୍ଷରୁ ନବୀନ ନିବାସର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ନଉପୁଜିବ, ସେଥିପାଇଁ ନବୀନ ନିବାସର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

**"ଅତ୍ୟାଧୁନିକ କୋଠା, ଯନ୍ତ୍ରପାତି ଓ ନିୟମିତ ରିକ୍ତ ପଦବୀ ପୂରଣ ହେଲେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହୁଅନ୍ତା। ଭୌତିକ ଭିତ୍ତିଭୂମିର ବିକାଶ ସହିତ ମାନବ ସମ୍ବଳର ପୁନର୍ବଳନ, ନିୟମିତ ନିରୀକ୍ଷଣ, ଦଦାରଖ, ସମୀକ୍ଷା, ଘରୋଇ କ୍ଲିନିକ ଚିକିତ୍ସାରେ କଟକଣା ଇତ୍ୟାଦି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ବ୍ୟବସ୍ଥିତ କରିବାରେ ସହାୟକ ହୁଅନ୍ତା ବୋଲି ଆଶା କରାଯାଏ।**

ମୋବାଇଲ ଗେଞ୍ଜୁ ଗେଞ୍ଜୁ ନଜରଟା ହଠାତ ଥମିଗଲା ବିବ୍ରତ କଲାଭଳି ଏକ ଭିଡିଓ ଉପରେ। ଜଣେ ବ୍ୟକ୍ତିକୁ ଟାଙ୍ଗରା ଭୂଇଁରେ ଶୁଆଇ ଦିଜଣ ଲୋକ ଜବରଦସ୍ତି ମାଡ଼ି ବସିଥାନ୍ତି। ତାର ଡାହାଣ ନଳିଗୋଡ଼ ବଙ୍କା ହାଡ଼ ସିଧା କରିବାକୁ ତୃତୀୟ ବ୍ୟକ୍ତି ଲୁହା ହାତୁଡିରେ ନିର୍ମମ ପିଟି ଚାଲିଥାଏ। ଅସହ୍ୟ ଯନ୍ତ୍ରଣାରେ ଛଟପଟ ବ୍ୟକ୍ତି ପାଖରେ କରୁଣ ଚିତ୍କାର ବ୍ୟତିରେକ ଅନ୍ୟ ବିକଳ୍ପ ନଥାଏ। ଏଭଳି ଉପଚାର ଏବେବି ଲୋକଙ୍କ ଅନ୍ଧ ଆସ୍ଥା ସାଜିଛି। ଏହି ବାବୁଙ୍କ ପାଖେ ଡାକ୍ତରୀ ଡିଗ୍ରୀ ନଥିବା ନିଶ୍ଚିତ। ଲୋକଙ୍କୁ ଭଣ୍ଡେଇ ଧନ ଉପାର୍ଜନ ଏମାନଙ୍କ କୁତ୍ସିତ ପ୍ରବୃତ୍ତି। ଅଶିକ୍ଷିତ, ଖଟିଖିଆ ସରଳ ଏମାନଙ୍କ ସହଜ ଶିକାର ହୁଅନ୍ତି। ଆଦିବାସୀ ଅଧ୍ୟୁଷିତ ତଥା ଗ୍ରାମାଞ୍ଚଳରେ ଏମାନଙ୍କ ରାଜୁତି କାହିଁରେ କେତେ। କହିଲେ ନସରେ। ସତେ ଯେମିତି ସେମାନେ ଦ୍ୱିତୀୟ ଈଶ୍ୱର। କେବଳ ଗ୍ରାମାଞ୍ଚଳ ନୁହଁ, ସହରାଞ୍ଚଳରେ ମଧ୍ୟ ରୋଗୀଙ୍କୁ ଭଣ୍ଡେଇ ପଇସା ଉପାର୍ଜନ କିଛି ଲୋକଙ୍କ ବେଉସା ପାଲଟିଛି। ବଡ ବଡ ସହରରେ ବିଶେଷତଃ ପ୍ରାଇଭେଟ କ୍ଲିନିକ ଓ ନର୍ସିଙ୍ଗ ହୋମମାନଙ୍କରେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଟ୍ରିଟମେଣ୍ଟ ଚାଲିଛି। ଅଦରକାରୀ ଟେଷ୍ଟ ପାଇଁ ପରାମର୍ଶ ଦିଆଯାଉଛି। ଅନାବଶ୍ୟକ ଔଷଧ ଇଞ୍ଜେକ୍ସନ ଲେଖା ଚାଲିଛି। ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। କିଛି ଲାଭ ମିଳୁନି। ବରଂ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ରୋଗୀ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି କିମ୍ବା ଅକାଳ ମୃତ୍ୟୁବରଣ କରୁଛନ୍ତି। ଏଭଳି ଅଜ୍ଞାନ ଅନଭିଜ୍ଞ ବିଶ୍ୱସନୀୟତା ବିହୀନ ଡାକ୍ତର ମୃତ୍ୟୁଦୂତ ସହ ସମାନ। ମୂର୍ଖ ବୈଦ୍ୟ ଯମ ସମ। ଚିକିତ୍ସା ଅଭାବ କିମ୍ବା ଅବହେଳା ଜନିତ ରୋଗୀ ମୃତ୍ୟୁ ପାଇଁ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୬ ରେ ସମ୍ପୃକ୍ତ ଦୋଷୀ ଡାକ୍ତରୀ ବୃତ୍ତିଧାରୀଙ୍କ ବିରୁଦ୍ଧରେ ସର୍ବାଧିକ ଦୁଇବର୍ଷ ଜେଲ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ଡାକ୍ତରଖାନାରେ ରୋଗୀ ମୃତ୍ୟୁ ମୁଖ୍ୟତଃ ତ୍ରୁଟିଯୁକ୍ତ ନିଦାନ, ଭୁଲ ଔଷଧ ପ୍ରଦାନ, ଯାନ୍ତ୍ରିକ ତ୍ରୁଟି କିମ୍ବା ରୋଗୀଙ୍କ ଦେଖାଶୁଣା, ଯତ୍ନ ଇତ୍ୟାଦିର ବିଫଳତା ଯୋଗୁଁ ଜରୁରୀକାଳୀନ ବିଭାଗ, ଆଇସିୟୁ, ଅପରେସନ ଥିଏଟର ଭଳି ଉଚ୍ଚ ବିପଦସଙ୍କୁଳ କ୍ଷେତ୍ରରେ ଘଟିଥାଏ। ରୋଗୀମୃତ୍ୟୁର ପ୍ରକୃତ କାରଣ ନଜାଣି ତାର ଆତ୍ମୀୟ ସ୍ୱଜନ ସବୁ ଦୋଷ ଡାକ୍ତରଙ୍କ ମୁଣ୍ଡରେ ଲଦି ଦିଅନ୍ତି। ଅନେକ କ୍ଷେତ୍ରରେ ଡାକ୍ତର ଜନ ଆକ୍ରୋଶର ଶିକାର ହୁଅନ୍ତି। ପୁଲିସ କିମ୍ବା ଆଭ୍ୟନ୍ତରୀଣ ତଦନ୍ତ ମଧ୍ୟ ଚାଲେ। ଅଧିକାଂଶ କ୍ଷେତ୍ରରେ ଡାକ୍ତରଙ୍କୁ ଅଯଥା ହଇରାଣ ହରକତ କରାଯାଏ। ନିକୃଷ୍ଟ ପ୍ରକୃତିର ଲୋକ ବ୍ଲେକମେଲ କରିବା ଆରମ୍ଭ କରି ଦିଅନ୍ତି। ଭୟ ପ୍ରଦର୍ଶନ କରି ଟଙ୍କା ଆଦାୟ କରନ୍ତି। ଡେଙ୍ଗା ମୁଣ୍ଡରେ ଠେଙ୍ଗା ଭଳି ବେଳେବେଳେ ନିର୍ଦ୍ଦୋଷ ଡାକ୍ତରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ପ୍ରତିବର୍ଷ ସମଗ୍ର ପୃଥିବୀରେ ୨.୬୦ ମିଲିୟନ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ନିମ୍ନ ଗୁଣାତ୍ମକ ଦେଖାଶୁଣା ରୋଗୀ ମୃତ୍ୟୁର ମୁଖ୍ୟ କାରଣ। ଦି ଲାନସେଟର ରିପୋର୍ଟ ଅନୁସାରେ ୨୦୧୮ ମସିହାରେ ୧.୬୦ ମିଲିୟନ ରୋଗୀଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଚିକିତ୍ସା ଉପଚାର ଜନିତ ପ୍ରତିକୂଳ ପ୍ରଭାବ ଯୋଗୁଁ ୨୦୨୪ ମସିହାରେ ଭାରତର ୩୨,୪୬୪ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଓଡ଼ିଶାର ଭିଭିନ୍ନ ସ୍ଥାନରୁ ମଧ୍ୟ ସମାନ ଅଭିଯୋଗ ଆସୁଛି। ତଦନ୍ତ ପରେ ଏସବୁ ଘଟଣାର ସତ୍ୟାସତ୍ୟ ଜଣା ପଡ଼ିବ। କାର୍ଯ୍ୟରେ ଅବହେଳା କିମ୍ବା ତ୍ରୁଟି ପ୍ରମାଣିତ ହେଲେ ଆଇନ ଅନୁସାରେ ନ୍ୟାୟସଂଗତ ଦଣ୍ଡ ବିଧାନ ଉଚିତ। କିନ୍ତୁ ଡାକ୍ତରୀ ଡିଗ୍ରୀ କିମ୍ବା ଲାଇସେନ୍ସ ନଥାଇ ଆଭ୍ୟନ୍ତରୀଣ ଅଞ୍ଚଳରେ କ୍ୱାକ ସବୁ ଘର ଘର ବୁଲି କିମ୍ବା କ୍ଲିନିକ ଖୋଲି ଚିକିତ୍ସା କରିବା କିଛି ନୂଆ କଥା ନୁହଁ। ଏମାନେ ଖୁବ ଚାଲାକ। ବେଆଇନ ଭାବେ ଔଷଧ ଦିଅନ୍ତି। ଡିଷ୍ଟିଲଡ଼ ୱାଟରକୁ ଇଞ୍ଜେକ୍ସନ ଭାବେ ବ୍ୟବହାର କରି ଲୋକଙ୍କୁ ଠକନ୍ତି। ପୋଲ ଖୋଲିଯିବା ଭୟରେ ପ୍ରେସକ୍ରିପସନ ଲେଖନ୍ତି ନାହିଁ। ତାଙ୍କ ଦେଇଥିବା ଔଷଧ ସ୍ପେସିଆଲ, ଅନ୍ୟ ଦୋକାନରେ ଅନୁପଲବ୍ଧ କହି ରୋଗୀଙ୍କୁ ଭଣ୍ଡାନ୍ତି। ବାହାରୁ ଔଷଧ ଇଞ୍ଜେକ୍ସନ କିଣିବାକୁ ବାରଣ କରନ୍ତି। ଆନୁସଙ୍ଗିକ ବ୍ୟବସ୍ଥା ନଥାଇ ଶଲ୍ୟ ଚିକିତ୍ସା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏପରି ନକଲି ଡାକ୍ତର, କ୍ୱାକଙ୍କ ତଥ୍ୟ ସରକାରଙ୍କ ପାଖେ ନଥାଏ। ଆଉ ଥୋକେ ଅଛନ୍ତି, ଯେଉଁମାନେ ଗଭୀର ଅନ୍ଧବିଶ୍ୱାସୀ। ଆୟୁର୍ବିଜ୍ଞାନ କିମ୍ବା ଡାକ୍ତରୀ ଚିକିତ୍ସା ଉପରେ ତାଙ୍କର ଭରସା ନଥାଏ। ଗୁଣିଗାରେଡି, ଝଡାଫୁଙ୍କାରେ ଅଧିକ ବିଶ୍ୱାସ ରଖନ୍ତି। ପୂଜାପାଠ, ଦାନଦପାନ, ପଶୁବଳି ଇତ୍ୟାଦି ଅନେକ ଅଞ୍ଚଳରେ ଡାକ୍ତରୀ ଚିକିତ୍ସାର ବିକଳ୍ପ ସାଜିଛି। ଅକାରଣ ଅକାଳରେ ଲୋକଙ୍କ ଜୀବନ ଯାଉଛି। ସରକାରଙ୍କ ପାଖରେ ଏଭଳି ଭଣ୍ଡ ବାବା, ଗୁଣିଆଁ, ତାନ୍ତ୍ରିକଙ୍କ ସୂଚନା ନାହିଁ। ତେଣୁ ତାଙ୍କୁ ମଧ ଦଣ୍ଡ ମିଳିବାର ଅବକାଶ ନାହିଁ। ସମ୍ପ୍ରତି ଔଷଧ ଦୋକାନୀମାନେ ଜଣେ ଜଣେ ଡାକ୍ତର। ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ ଔଷଧ

ଡ. ପ୍ରମୋଦ କୁମାର ପଣ୍ଡା
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦



ବିକୁଛନ୍ତି। ଲୋକେ ମଧ ଡାକ୍ତରଙ୍କ ପରାମର୍ଶ ନେଉନାହାନ୍ତି। ଦୋକାନୀକୁ ନିଜର ଶାରୀରିକ ଅସୁବିଧା ଦର୍ଶେଇଲେ ସହଜରେ ଔଷଧ ମିଳିଯାଉଛି। ତେଣୁ ଡାକ୍ତରଙ୍କ ନିକଟକୁ ଯାଇ ଅଯଥା ସମୟ ଓ ଅର୍ଥ ଖର୍ଚ୍ଚ କରିବେ କାହିଁକି ? ଔଷଧାଳୟ ଉପରେ ଅତର୍କିତ ଚଢ଼ାଉ ହେଲେ ଗୁମର ଫିଟନ୍ତା। କଳା ବ୍ୟବସାୟରେ ଲଗାମ ଲାଗନ୍ତା। ଅନ୍ୟ ଏକ ବିଡମ୍ବନା ହେଲା ଆଜିକାଲି ଡାକ୍ତରଖାନା ନିରାମୟରେ ମିଳୁଥିବା ମାଗଣା ଔଷଧ ଉପରେ ଲୋକଙ୍କ ବିଶ୍ୱାସ ନାହିଁ। ଜେନେରିକ ମେଡ଼ିସିନ ବିନା ମୂଲ୍ୟରେ ମିଳୁଥିଲେ ସୁଦ୍ଧା ଲୋକେ ନନ ଜେନେରିକ ମେଡ଼ିସିନ କିଣୁଛନ୍ତି। ଏସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଲେ ଲୋକେ ଉପକୃତ ହୁଅନ୍ତେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟଜଳ ଯୋଗାଣ ଓ ପରିବହନ ଉପରେ ମୁଖ୍ୟତଃ ସମାଜର ବିକାଶ ନିର୍ଭର କରେ। କିନ୍ତୁ ଏହି ପ୍ରମୁଖ କ୍ଷେତ୍ରସବୁ ସର୍ବଦା ଅବହେଳିତ। ଡାକ୍ତରଖାନା, ମେଡିକାଲ କଲେଜ ଆଦି ଖୋଲା ଚାଲିଛି। ବହୁତଳ କୋଠା ନିର୍ମାଣ ହେଉଛି। କିନ୍ତୁ ଡାକ୍ତର ପଦବୀ ପୂରଣ ହେଉନି। ବର୍ଷ ବର୍ଷ ଧରିଖାଲି ପଡୁଛି। ଏମିତିରେ କଣ ନିର୍ଜୀବ କୋଠାବାଡ଼ି ରୋଗୀ ଚିକିତ୍ସା କରିବେ ? ଡାକ୍ତର ଅଭାବ ଯୋଗୁଁ କାର୍ଯ୍ୟରତ କର୍ମଚାରୀଙ୍କ ଚାପ ବଢୁଛି। ଦୈନିକ ଶହ ଶହ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ଜଣେ ଡାକ୍ତର ପକ୍ଷେ ସମ୍ଭବ ହୋଇପାରୁନାହିଁ। ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ମାନ ଦିନକୁଦିନ ହ୍ରାସ ପାଇବାରେ ଲାଗିଛି। ତତସଙ୍ଗେ ଜନ ଅସନ୍ତୋଷ। ଡାକ୍ତରଙ୍କ ଉପରେ ଦୁରାଚାର, ଆକ୍ରମଣ, ଦୋଷ ଲଦାଲଦି, କାର୍ଯ୍ୟାନୁଷ୍ଠାନ ଇତ୍ୟାଦି। ନିୟମିତ ରୂପେ ରିକ୍ତ ସ୍ଥାନ ପୂରଣ ନକରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆଶା କରିବା କେତେଦୂର ଠିକ ? ରାସ୍ତା ଅଭାବରୁ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନଉ ନଉ ରାସ୍ତାରେ ପ୍ରସବ, କାଦୁଅ ରାସ୍ତାରେ ଆମ୍ବୁଲେନ୍ସ ଯାଇନପାରି ରୋଗୀଙ୍କ ମୃତ୍ୟୁ ଇତ୍ୟାଦି ଖବର ପ୍ରତିଦିନ ଖବରକାଗଜର ଶିରୋନାମା ମଣ୍ଡନ କରୁଛି। କଣ ଗମନାଗମନ ଅସୁବିଧା ଜନିତ ରୋଗୀମୃତ୍ୟୁ ପାଇଁ ମଧ ଡାକ୍ତର ଦାୟୀ ? ଏପରି କ୍ଷେତ୍ରରେ ରୋଗୀମୃତ୍ୟୁ ପାଇଁ ପୂର୍ତ୍ତ ବିଭାଗ ଅଧିକାରୀ କର୍ମଚାରୀଙ୍କ ଉପରେ କାହିଁ କେବେ କୌଣସି କାର୍ଯ୍ୟାନୁଷ୍ଠାନ ହେବା ଦୃଷ୍ଟିଗୋଚର ହେଉନାହିଁ ତ ? ଗ୍ରାମାଞ୍ଚଳ ଡାକ୍ତଖାନାମାନଙ୍କରେ କର୍ମଚାରୀଙ୍କ ଘୋର ଅଭାବ। ଦୁର୍ଗମ ଓ ଆଭ୍ୟନ୍ତରୀଣ ଅଞ୍ଚଳ ଡାକ୍ତରଖାନାରେ ନିଯୁକ୍ତ ଡାକ୍ତରଙ୍କ ପାଇଁ ରହିବାର ଆନୁସଙ୍ଗିକ ବନ୍ଦୋବସ୍ତ ଯଥା, କ୍ୱାଟର, ବିଜୁଳି, ପାନୀୟଜଳ, ସୁରକ୍ଷା ଇତ୍ୟାଦି ଉପଲବ୍ଧ ନଥିବାରୁ ସେମାନେ ସହରାଞ୍ଚଳରେ ରହି ଯିବାଆସିବା କରନ୍ତି। ଅଳ୍ପ ଦିନ କାମ। ପୁରା ମାସ ଦରମା। ଫାର୍ମାସିଷ୍ଟଙ୍କ ଭରସାରେ ହସ୍ପିଟାଲ ଚାଲେ। କେବଳ ଗ୍ରାମାଞ୍ଚଳ ନୁହଁ, ସହରାଞ୍ଚଳ ଡାକ୍ତରଖାନାର ମଧ ତାଦୃଶାବସ୍ଥା। ପୋଷ୍ଟ ଖାଲି। ଅନ୍ୟ ସ୍ଥାନକୁ ଡେପ୍ୟୁଟେସନ ଆଦି। ଆବଶ୍ୟକ ଆଧୁନିକ ଯନ୍ତ୍ରପାତି ଟେକ୍ନିସିଆନ ଅଭାବ, ରୋଗୀଙ୍କ ଅଧିକ ଗହଳି, ଶଯ୍ୟାଭାବ ଇତ୍ୟାଦି ମଧ ରୋଗୀସେବାରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଥାଏ। ଅତ୍ୟାଧୁନିକ କୋଠା, ଯନ୍ତ୍ରପାତି ଓ ନିୟମିତ ରିକ୍ତ ପଦବୀ ପୂରଣ ହେଲେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହୁଅନ୍ତା। ଭୌତିକ ଭିତ୍ତିଭୂମିର ବିକାଶ ସହିତ ମାନବ ସମ୍ବଳର ପୁନର୍ବଳନ, ନିୟମିତ ନିରୀକ୍ଷଣ, ଦଦାରଖ, ସମୀକ୍ଷା, ଘରୋଇ କ୍ଲିନିକ ଚିକିତ୍ସାରେ କଟକଣା ଇତ୍ୟାଦି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ବ୍ୟବସ୍ଥିତ କରିବାରେ ସହାୟକ ହୁଅନ୍ତା ବୋଲି ଆଶା କରାଯାଏ।

# ଗୁଡ଼, ଉଖୁଡ଼ା, ମୁଆଁ, ଫେଣା

**"ଏବେ କର୍ପୁର ଯାଇଛି କନା ପଡ଼ିଲେ ବି ଗଜପତି ମହାରାଜାଙ୍କ ନୂଆଅଙ୍କ ଗଣନା ଓ ସାଲ ଗଣନା ଏହି ଦିନରୁ ଚାଲୁଛି। ଠାକୁର ପରିବାରଙ୍କ ଜମିଦାର ବେଳେ କୁଜଙ୍ଗ ଅଞ୍ଚଳ ମହାନଦୀ ଏପଟ ସେପଟ ପ୍ରଜାମାନଙ୍କ ମଧ୍ୟରେ ଥିବା ଚାଷୀ, ଗୋପାଳ, ଗୁଡ଼ିଆ, ପ୍ରଜାମାନେ ଜମିଦାରୀ ଭେଟି ସହ ଆସୁଥିଲେ। ଏତିକି ବେଳେ ଦୁଗ୍ଧ ଛେନା ଆଉ ଗୁଡ଼ ମିଶ୍ରଣର ପଣା ମିଠା ତାଙ୍କୁ ଭେଟି ଦେଉଥିଲେ।**

ଆଖୁ ଚାଷ, ବିଲୁପ୍ତ ବା କାଁ ଭାଁ ଆଖୁ ପେଡ଼ା କେବେ କେଉଁଠି ଦେଖିବାକୁ ମିଳୁନାହିଁ। ଆଖୁରସ ସହରରେ ହାତ ଘୁରା ଆଖୁ ଚାପୁଆଣି ମେସିନରେ ପ୍ରସ୍ତୁତ ଆଖୁରସ ଲୋକେ ରାସ୍ତା କଡ଼ରେ ପିଉଥିବା ଦେଖିବାକୁ ବେଳେ ବେଳେ ମିଳୁଛି। ତେଲ ପେଡ଼ା ଘଣାପରି ଆଖୁ ପେଡ଼ା ଯିବା କାର୍ଯ୍ୟ ବଳଦଙ୍କ ଦ୍ୱାରା କରାଯାଉଥିଲା। ବହୁ ଗ୍ରାମାଞ୍ଚଳରେ ଆଖୁ ପେଡ଼ି ବା କୋଲିଆ ପକାଇ ନିର୍ଗତ ଆଖୁରସକୁ ରାନ୍ଧି ଗୁଡ଼ କରାଯାଉଥିଲା। ଗୁଡ଼ ରାନ୍ଧିବା ପାଇଁ ବିଶେଷ ମିସ୍ତ୍ରୀ ଖୋଜା ପଡୁଥିଲା। ସେମିତିକା ଗୁଡ଼ ପାଇଁ ଆଧାର ହାଣ୍ଡି, ବଣା ବରାଦୀ କୁମ୍ଭାର ଘରୁ ଅଣାଯାଉଥିଲା। ପ୍ରତ୍ୟେକ ଲୋକଙ୍କ ଘରେ ଗୁଡ଼ ଏକ ଅତି ଆବଶ୍ୟକ ଦ୍ରବ୍ୟରେ ଗଣାଯାଇ କ୍ରୟ କରାଯାଉଥିଲା। ଚୁଡ଼ାଗୁଡ଼ ମିଶ୍ରଣର ଚକଟା ଅତି ଉପଦେୟ ଜଳଖିଆ ଥିଲା। ଦେବ ମନ୍ଦିରରେ ଭୋଗ ପ୍ରସାଦ ଚୁଡ଼ା ଘଷା ଲାଗୁଥିଲା। ଯହିଁରେ ଗୁଡ଼ ଏକ ବିଶେଷ ଭାଗ ରହୁଥିଲା। ପୂର୍ବେ ବହୁ ମନ୍ଦିରରେ ଛେନାଗୁଡ଼ ପାଚିଲା କଦଳୀର ପଣା ଭୋଗ ଲାଗୁଥିଲା, ପିଠା ହେଲେ ଗୁଡ଼ ସମ୍ବନ୍ଧରେ ପୁର ପ୍ରସ୍ତୁତ ହୋଇ ଲାଗୁଥିଲା। ମଣ୍ଡାପିଠା, କାକରା ପିଠା, ରଜ ପର୍ବର ପୋଡ଼ପିଠା ଗୁଡ଼ ଛେନା ବା ଗୁଡ଼ ନଡ଼ିଆ କୋରା ସହ ମିଶି ତିଆରି ହେଉଥିଲା। ଆରିଶାପିଠା ଏକ ସ୍ୱତନ୍ତ୍ର ପିଠା ଏହା ବହୁଦିନ ଯାଏ ସତେଜରହେ ଏହା ଗୁଡ଼ ଚାଉଳ ଚୁନାର ସ୍ୱତନ୍ତ୍ର ପାକରେ ଜନ୍ତାଯାଇ ଘିଅ ବା ତେଲରେ ଛଣାଯାଇ ତିଆରି କରାଯାଏ। ବିବାହ ବ୍ରତରେ ଏହି ପିଠା ଲାଗୁଥିଲା ଯାହା ଏବେ ଏହାର ଗୁରୁତ୍ୱ ଏବେ ନାହିଁ। ଗୁଡ଼ରୁ ବିଶେଷ ପାଗରେ ଫେଣା ପ୍ରସ୍ତୁତ ଗୁଡ଼ିଆ ମହାଜନ କାରିଗରମାନେ କରୁଥିଲେ। ଫେଣା ହାଣ୍ଡି କନ୍ୟା ଘରକୁ ବା ଘରୁ ଭାର ଶୁଖିଲା ଯାଉଥିଲା। ଉଖୁଡ଼ା ଭାର କନ୍ୟା ଘରୁ ବରଘରକୁ ପୁଣି ବରଘରୁ କନ୍ୟା ଘରକୁ ଗୋପାଳମାନଙ୍କ କାନ୍ଧରେ ବହନ ଦ୍ୱାରା ପଠାଯାଉଥିଲା। ଏ ସବୁ ବନ୍ଧୁ ବାନ୍ଧବ ସାଇଭାଇଙ୍କୁ ବଣ୍ଟାଯାଉଥିଲା। ଦେବ ମନ୍ଦିରରେ ଉଖୁଡ଼ା ଭୋଗ ବିଶେଷ ଥିଲା। ଭୁବନେଶ୍ୱରର ଦୋପାଗି ଉଖୁଡ଼ା ବହୁ ନାମଯାଦା। ଏବେ ମନ୍ଦିର ମାନଙ୍କରେ କ୍ଷୀରି ପ୍ରସାଦ ଆଉ ଗୁଡ଼ରେ ହେଉନାହିଁ, ହେଲେ ଶୁଦ୍ଧ ପ୍ରସାଦର କ୍ଷୀରି ଗୁଡ଼ରେ ହିଁ ହେଉଥିଲା। ଗୁଡ଼ର ଅବଲମ୍ବନରେ ଜୀବିକା ଚଳାଉଥିବା ବ୍ୟକ୍ତିମାନେ ଓଡ଼ିଆରେ ଗୁଡ଼ିଆ ପୂର୍ବେ ଜଳ ସ୍ପର୍ଶ ଜାତି, ଅଜାତି ଏମିତି ବାରଣ ଥିଲା। କାହାର ଦ୍ୱାରା ନିର୍ମିତ ଖାଦ୍ୟ ଦ୍ରବ୍ୟ ପାନୀୟ ଗ୍ରହଣ କରାଯିବ ନ ଯିବ ଏ ପ୍ରକାର ମନୋଭାବ ବଳବତ୍ତର ଥିଲା। ଏ ମଧ୍ୟରେ ଏଇ ଗୁଡ଼ିଆ ପାଟକ ସବୁଜାତିଙ୍କୁ ମିଠା ଦ୍ରବ୍ୟ, ଲଘୁ ଜଳପାନ ଭୋଜନ ପାଇଁ ଯୋଗାଇବା ସହ ଦେବତା ପ୍ରସାଦ ପାଇଁ ଲଡ୍ଡୁ, ପେଡ଼ା, ବୁନ୍ଦିଆ, କୋରା, ଖଇ, ମୁଆଁ ଯୋଗାଇବା ମାନ୍ୟତା ପୂର୍ବରୁ ଏ ପର୍ଯ୍ୟନ୍ତ ରହି ଆସୁଛି। ଗୁଡ଼ିଆଙ୍କ ଇଷ୍ଟ ଦେବତା ଭଗବାନ ଅଗ୍ରପୂଜ୍ୟ ଗଣେଶ ପିଲାକାଳରେ ସବୁପିଲା ଅଝଟ ହୁଅନ୍ତି। ଏଥିରୁ ଗଣେଶ ବାଦ ନଥିଲେ, ତାଙ୍କ ପିତା ଶଙ୍କର ଭଗବାନ ପୁତ୍ରର ଅଝଟିଆ ଭାବରେ ଅତିଷ୍ଟ ହୋଇ ଏକ ବ୍ୟକ୍ତିକୁ ସୃଷ୍ଟି କରି ଏହି ଅଝଟିଆ ଜିଦଗୁଣକୁ ଶାନ୍ତି ପାଇଁ କିଛି ଉପାୟ କରିବାକୁ ଆଦେଶ ଦେଇଥିଲେ। ବ୍ୟକ୍ତିଟି ମୋଦକ ଲଡୁ ପ୍ରସ୍ତୁତ କରି ଗୋଲାଟିକୁ ଗଣେଶଙ୍କୁ ଧରାଇ ତୋଷ କରିଥିଲେ। ସେ ଗୋଲଟି ଗୁଡ଼ରେ ହିଁ ତିଆରି ହୋଇଥିଲା। ଏ ପାଇଁ କୁହାଯାଏ ଗୁଡ଼ିଆ ଜାତି ଶିବ ସୃଷ୍ଟ ଓ ତାଙ୍କ ଇଷ୍ଟ ଗଣେଶ, ବହୁପୂର୍ବେ ଆମ ଓଡ଼ିଶାର ଯେଉଁ ବିଦେଶକୁ ବୋଇତ ବାଣିଜ୍ୟ ଥିଲା ତାହା ମଧ୍ୟରେ ଏହି ମିଠାଇ ବାଣିଜ୍ୟ ଥିଲା ଅନ୍ୟତମ। ଗୁଡ଼ିଆମାନେ ସାହୁକାର, ସାଧବ ମହାଜନ। ସବୁ ମନ୍ଦିରରେ ଭୋଗ ସାମଗ୍ରୀ ଏହି ଗୁଡ଼ିଆ ମହାଜନ ମାନେ ହିଁ କରି ଆସୁଛନ୍ତି। ଗୁଡ଼ ଏକ ବିଶେଷ ବଣିକ ଦ୍ରବ୍ୟ, ସୁନା ଚାନ୍ଦି ଦର ବୃଦ୍ଧି ହ୍ରାସ ଖଣିଜ ଦ୍ରବ୍ୟରେ ହେଉଥିଲାବେଳେ ସବୁ ଖାଦ୍ୟ ଶସ୍ୟ ସହ ଆଉ ଏଇ ଗୁଡ଼ର ଦର ବୃଦ୍ଧି ହ୍ରାସ ପ୍ରତ୍ୟେକ ବେଳେ ସେୟାର ମାର୍କେଟରେ ଚହଳ ପକାଉଛି। ଆଜିକାଲି ଗୁଡ଼ ବଜାରକୁ ବ୍ୟାପକ ଆସୁନାହିଁ ତାର କାରଣ ଗୁଡ଼ରୁ ଚିନି ଆଉ ମଦ ପ୍ରସ୍ତୁତ ହୋଇ ଚଢ଼ା ଦାମ ହୋଇଯାଉଛି, ଏପାଇଁ ଗୁଡ଼ ଦୁର୍ଲଭ ? ମିଠା ସବୁ ଚିନିରେ ଏବେ ପ୍ରସ୍ତୁତ ହୋଇ ଚାଲିଛି। ଆମ ଓଡ଼ିଶାରେ ବହୁ ଜମିଦାରୀ ବହୁ ବର୍ଷପୂର୍ବରୁ ବ୍ରିଟିଶ ଶାସନରେ ଚାଲୁଥିଲା, କଲକାତାରେ କୋର୍ଟ ସବୁ ଚାଲିଥିଲା, ଜମିଦାରମାନଙ୍କ ପେଷକର ଖଜଣା ଠିକ ସମୟରେ ଭରିଣା ନ ହେଲେ ଜମିଦାରୀ ନିଲାମ ହୋଇଯାଉଥିଲା। ଏହା ସୂର୍ଯ୍ୟାସ୍ତ କାନୁନରେ ଆସୁଥିଲା ଯାହା ଟାଇମ ଆଣ୍ଡ ଡିସଷ୍ଟାନ୍ସ ସମସ୍ୟାର କାରଣରୁ ଓଡ଼ିଶା ଭୂମିରୁ କଲିକତା ଠିକ ବେଳରେ ପହଞ୍ଚି ହେଉନଥିଲା।

ଅଜୟ କୁମାର ବେହେରା
ଅରୁଣୋଦୟ ମାର୍କେଟ, କଟକ
ମୋ - ୯୪୩୭୦୩୧୨୫୩

ଜମିଦାରୀ ନିଲାମରେ ବଙ୍ଗୀୟ ଧନୀ ବ୍ୟକ୍ତିମାନେ ଧରିନେଇ ଓଡ଼ିଶାରେ ବହୁ ଜମିଦାରୀର ମାଲିକାନା ହାସଲ କରିଛନ୍ତି। ଏ ମଧ୍ୟରେ ପ୍ରିନ୍ସ ଦ୍ୱାରିକା ନାଥ ଠାକୁର ଯେ ରବୀନ୍ଦ୍ର ଠାକୁରଙ୍କ ଜେଜେ ବାପା ସେ ବହୁ ଜମିଦାରୀ କିଣିବା ସହ କୁଜଙ୍ଗର ପଣ୍ଡୁଆରେ ଅଧିକାରୀ ହୋଇ କଚେରୀ କରି କର୍ମଚାରୀ ରଖି ପ୍ରଜାଙ୍କ ଠାରୁ ଖଜଣା ଆଦାୟ କରୁଥିଲେ। ଆମ ରାଜ୍ୟର ପ୍ରଜାମାନେ ଜମିଦାରଙ୍କୁ ତୋଷ ପାଇଁ ବହୁ ପ୍ରକାର ଭେଟି ଦେଉଥିଲେ। ଦୁଗ୍ଧ ବାଣିଜ୍ୟରେ ସମସ୍ୟା, ଏକତ୍ରିତ କରାଯିବା ବହୁ ଦୁଗ୍ଧ ଯଦି ଛିଡ଼ି ଯାଏ, ଦୁଗ୍ଧ ବଣିକ ମୁଣ୍ଡରେ ଚଡ଼କ ପଡ଼ିଯିବା ଅବସ୍ଥା ଉପୁଜେ। ଏ ପାଇଁ ଉପାୟ ଖୋଜି ଦୁଗ୍ଧ କାଟିବା ଛେନାକୁ ଦୁଧ ଛେନା ରୂପେ ଏକ ସୌଖିନ ଖାଦ୍ୟ ରୂପେ ବିକ୍ରୟ ଆରମ୍ଭ ହେଲା। ଗୁଡ଼ ଗୋଳାଇ ପଣା ତାପରେ ଗୁଡ଼ ସହ ପାଗରକରି ରସଗୋଲା, ଝିଲି ଗୁଡ଼ିଆମାନେ କରି ଲୋକପ୍ରିୟ ହେଲେ। ଏହା ଠାକୁର ବଂଶର କଚେରୀକୁ ଭେଟିକୁ ଆସିଲା। ଆମ ରାଜ୍ୟରେ ସୁନିଆଁ ରାଜା ଜମିଦାରଙ୍କ ପ୍ରଜାଙ୍କ ସହ ବାତ୍ସରିକ ମିଳଣ ପର୍ବ। ଏବେ କର୍ପୁର ଯାଇଛି କନା ପଡ଼ିଲେ ବି ଗଜପତି ମହାରାଜାଙ୍କ ନୂଆଅଙ୍କ ଗଣନା ଓ ସାଲ ଗଣନା ଏହି ଦିନରୁ ଚାଲୁଛି। ଠାକୁର ପରିବାରଙ୍କ ଜମିଦାର ବେଳେ କୁଜଙ୍ଗ ଅଞ୍ଚଳ ମହାନଦୀ ଏପଟ ସେପଟ ପ୍ରଜାମାନଙ୍କ ମଧ୍ୟରେ ଥିବା ଚାଷୀ, ଗୋପାଳ, ଗୁଡ଼ିଆ, ପ୍ରଜାମାନେ ଜମିଦାରୀ ଭେଟି ସହ ଆସୁଥିଲେ। ଏତିକି ବେଳେ ଦୁଗ୍ଧ ଛେନା ଆଉ ଗୁଡ଼ ମିଶ୍ରଣର ପଣା ମିଠା ତାଙ୍କୁ ଭେଟି ଦେଉଥିଲେ। ଠାକୁର ପରିବାରଙ୍କ ଜମିଦାରୀ ବଙ୍ଗ ରାଜ୍ୟର ବର୍ଦ୍ଧମାନରେ ଥିଲା ଏହି କୁଜଙ୍ଗ ରାଜ୍ୟରୁ କିଛି କୁଶଳୀ ଚାଷୀ ଗୋପାଳ ଗୁଡ଼ିଆଙ୍କୁ ସେମାନେ ନେଇକି ସେଠାରେ ଥଇଥାନ କରିଥିଲେ ବା ଅବାଧରେ ଏଠିକା ଏହି ବୃତ୍ତିଧାରୀ ସେହି ସେହି ଅଞ୍ଚଳରେ ବୃତ୍ତି ସହାୟକ ହୋଇଥିଲେ। ଗୋପାଳ ମାନେ କ୍ଷୀରୁ ଛେନା ଛିଡ଼ାଇ କଲିକତା ସହରକୁ ଏବେ ଆସୁଥିବା ଲୋକାଲ ଟ୍ରେନ ଭେଣ୍ଡୁରରେ ଆସୁଥିବା ଛେନା ବଣିକମାନେ କୁଜଙ୍ଗ ଅଞ୍ଚଳର ଅନେକ ଉତ୍ତର ପୁରୁଷ। ଚିନି କାରଖାନା ଉତ୍ତର ପ୍ରଦେଶ କାନପୁର ଅଞ୍ଚଳରେ ଯେତେବେଳେ ନୂଆ କରି ଖୋଲିଲା ପ୍ରଥମ କରି ଚିନି ଏଇ ଠାକୁର ପରିବାରଙ୍କ ହସ୍ତଗତ ହୋଇଥିଲା। ଯେଉଁ ଦାସ ରସଗୋଲା ଏତେ ନାମକରା ସେ ଦାସ ଶବ୍ଦର ସାଙ୍ଗିଆର ବ୍ୟକ୍ତିମାନେ କୁଜଙ୍ଗ ଅଞ୍ଚଳର ପୂର୍ବଜ ସ୍ଥାନନ୍ତର ଲୋକଙ୍କର ଥିଲେ କି ନାହିଁ ତାହା ଗବେଷଣାର ଆବଶ୍ୟକ ଅଛି। ବଡ ବଜାର ଅଞ୍ଚଳରେ ଅନେକ ଓଡ଼ିଆ ଅଛନ୍ତି ସେଠାରେ ଛେନା ବିକ୍ରୟ କେନ୍ଦ୍ର ଅଛି, ଜଣେ ବିଖ୍ୟାତ ଓଡ଼ିଆ ନାମରେ ଫାଲ୍ଗୁନୀଦାସ ଲେନ ନାମରେ ଏକ ଗଳି ରାସ୍ତା ଅଛି, ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନାମରେ ବଡ଼ବଜାର ତୁଳାପଟିର ନାମ ପଣ୍ଡିତ ଗୋପବନ୍ଧୁ ସରଣୀ, ଏମିତି କେତେକ ନାମୀ ଦାମୀ ଓଡ଼ିଆଙ୍କ ସ୍ଥାୟୀ ବାଣିଜ୍ୟ ବିପଣି ସେଠାରେ ଥିଲା ସ୍ୱର୍ଗତ ମୋହନ ଚରଣ ଦାସଙ୍କ ମନମୋହନ ପ୍ରେସର ବିକ୍ରୟ କେନ୍ଦ୍ର ସେଠାରେ ଥିଲା। ଯାହାହେଉ ଗୁଡ଼ର ପରବର୍ତ୍ତୀ ଚିନିରୁ ମିଠାର ପ୍ରଥମ ଦୋକାନ ଠାକୁର ବାଡ଼ି ପାଖର ଦୋକାନ। ଦ୍ୱାରିକା ନାଥଙ୍କ ସୁପୁତ୍ର ମହର୍ଷି ଦେବେନ୍ଦ୍ର ନାଥ ଠାକୁର, ବ୍ରହ୍ମ ସମାଜର ସଂଞ୍ଚାଳକ ଓ ପ୍ରଚାରକ କଟକରେ ତତ୍କାଳୀନ ବିଖ୍ୟାତ ରାଧାନାଥ ରାୟ, ବିଶ୍ୱନାଥ କର ମଧୁସୂଦନ ରାଓ, ବ୍ରାହ୍ମଧର୍ମରେ ନିମଜ୍ଜନ ଥିଲେ ଖୋଦ ବିଜୁ ବାବୁଙ୍କ ବାପା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବ୍ରହ୍ମ ଧର୍ମରେ ଦୀକ୍ଷିତ ଥିଲେ। ବହୁ ଦାମୀ ଦାମୀ ଓଡ଼ିଆ, ବଙ୍ଗୀୟ ଯୁବତୀଙ୍କୁ ବିବାହ କରିଥିଲେ। ଲକ୍ଷ୍ମୀ ନାରାୟଣ ବାବୁ ଓ ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ନାମ ଏହି ବ୍ରାହ୍ମ ସମାଜ ଓ ବଙ୍ଗୀୟ କନ୍ୟା ପାଣି ଗ୍ରହଣରେ ଜଡ଼ିତ। ଓଡ଼ିଶା ବଙ୍ଗ ମଧ୍ୟରେ କିଛି ଭେଦ ପୂର୍ବେ ନଥିଲା, ଗୁଡ଼ ଛେନାର ମିଶ୍ରଣ ମିଠା ଏବେ କମି ଯାଇଛି। ଗୁଡ଼ ଏବେ ଚିନିର କରାୟତ କିନ୍ତୁ ଗୁଡ଼ର ଭଣ୍ଡାର ବଡ଼ ବଜାରରୁ ହଟି ନାହିଁ। ସେଠାରେ ଖଜୁରୀ ଗୁଡ଼, ତାଳଗୁଡ଼, ଆଖୁଗୁଡ଼ ସବୁ ମିଳୁଛି। ଗୁଡ଼ର ସନ୍ଦେଶ କଲିକତାରେ ମିଳୁଛି।

## ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରବୋଧନ ଶିକ୍ଷା ତାଲିମ କେନ୍ଦ୍ର ପରିଦର୍ଶନ



ବାଣପୁର, : ଓଡ଼ିଶା ସରକାର ଇସେପା ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବାଣପୁରଙ୍କର ଆୟୋଜିତ ପାଞ୍ଚ ଦିନିଆ ପାଞ୍ଚ ଗୋଟି ପର୍ଯ୍ୟାୟରେ ୪୭୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଗତ ତା.୨୮.୦୧.୨୦୨୬ ଠାରୁ ତା ୨୭.୦୨.୨୦୨୬ ରିଖପର୍ଯ୍ୟନ୍ତ ୪ଜଣ ସମ୍ବଳ ଅଧିକାରୀଙ୍କ ମାଧମରେ ପ୍ରଶିକ୍ଷଣ ସମାପନ ହୋଇଛି। ଅନ୍ତିମ ଦିନରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ସୋନମିକା ରାୟ ତାଲିମ କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରକୁ ଉଦଯାପନ କରି ଶିକ୍ଷକ ମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଛନ୍ତି।ସମ୍ବଳ ଅଧିକାରୀ ଭାବରେ ସୂର୍ଯ୍ୟକାନ୍ତ ବେହେରା, ନରେଶ କୁମାର ପଣ୍ଡା, ତାପସ କୁମାର ମହାରଣା ଓ ମନୋରଞ୍ଜନ ଖୁଣ୍ଟିଆ ଯୋଗ ଦେଇ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମାନସିଂହ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପରୀକ୍ଷଣ ଯୋଗାଇ ପ୍ରଶଂସାର ଅଧିକାରୀ ହୋଇପାରିଛନ୍ତି। ସମସ୍ତ ସିଆରସିସି ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହଯୋଗ ନିମନ୍ତେ ପ୍ରଭାତ କୁମାର ସେଠୀ ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ସେମାନଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ସନାତନ ଜାଲୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଭାତ କୁମାର ସେଠୀ, ଗୋଷ୍ଠୀ ଶିକ୍ଷା ସାଧନ ସଂଯୋଜକ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନେତୃତ୍ୱରେ ସମୟ ନୁକ୍ରମରେ ଶାନ୍ତି ଶୃଙ୍ଖଳାର ସହିତ କେନ୍ଦ୍ର କୁ ଉଦଯାପନ କରିଥିଲେ।

## ବୁଗୁଡା ଏନ.ଏ.ସି.ରେ ମନ୍ତ୍ରୀଙ୍କ ଦ୍ୱାରା ଭତ୍ତା ବଣ୍ଟନ




ବୁଗୁଡା, : ଗଞ୍ଜାମ ଜିଲ୍ଲାର ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୨୬-୦୨-୨୦୨୬ ତାରିଖ ଦିନ ବିଭିନ୍ନ ଭତ୍ତା ବଣ୍ଟନ ହୋଇଯାଇଛି। ସକାଳ ୧୦ ଘଣ୍ଟିକା ସମୟରେ ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ନୂତନ ଭାବେ ୩୫ ଜଣ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଗୁଡା ଏନଏସି ନଗରପାଳ ଚିତ୍ରସେନ ପ୍ରଧାନ ଅଧକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସମସ୍ତ କାଉନସିଲର, ହିତାଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ତହସିଲଦାର ସୂର୍ଯ୍ୟ ଶଙ୍କରଙ୍କ ରୁଦ୍ର ଅବତାର

## ଚଢ଼ାଇଲେ ବୁଲଡୋଜର, ଭାଙ୍ଗିଲେ ଶତାଧିକ ବେଆଇନ ଇଟାଭାଟି

ନିମାପଡା, : ପୁରୀ ଜିଲ୍ଲା ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ରୁଦ୍ର ଅବତାର ଦେଖିବାକୁ ମିଳିଛି। ଏହି ତହସିଲ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ପରିବେଶ ପ୍ରଦୂଷଣ ଓ ତାପମାନ ବୃଦ୍ଧି କରୁଥିବା ବେଆଇନ୍ ଇଟାଭାଟି ଉପରେ ବୁଲଡୋଜର ସହ ଚଢ଼ାଉ କରିବା ସହ ଶତାଧିକ ବେଆଇନ ଭାଟି ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଛନ୍ତି। ବୁଧବାର ଦିନ ତମାମ ଗୋପ ତହସିଲ ଅନ୍ତର୍ଗତ ଜଙ୍ଗଲୋବରି ଆରଆଇ ସର୍କଲ ଅଧୀନ ନୟାହାଟ, ଧୁମାଳ, ନରସିଂହପୁର ଆଦି ଗ୍ରାମରେ ଚଢଉ କରି ୫୦ରୁ ଅଧିକ ବେଆଇନ ମାଟି ତିଆରି ଇଟାଭାଟି ୩ ଟି ବୁଲଡୋଜର ଜେସିବି ମେସିନ୍ ଦ୍ୱାରା ଭଙ୍ଗା ଯିବାସହ ଓ ଏକ ଦମକଳ ଗାଡି ଦ୍ୱାରା ଜଳନ୍ତା ଇଟାଭାଟି ଗୁଡ଼ିକ ନିଆଁ ଲିଭାଯାଇଛି। ରାଜ୍ୟ ସରକାରଙ୍କ ଓ ଜିଲ୍ଲା ପ୍ରଶାସନ ତଥା ଉପ ଜିଲ୍ଲାପାଳ ରାଜକିଶୋର ଜେନାଙ୍କ ନିର୍ଦ୍ଦେଶକ୍ରମେ ଦକ୍ଷ ତଥା ଯୁବ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଓ ତାଙ୍କର ରାଜସ୍ୱ କର୍ମଚାରୀଙ୍କ ସହ ଜିଲ୍ଲା ଖଣିଜ ବିଭାଗ ଅଧିକାରୀ, ଗୋପ ଥାନା ଅଧିକାରୀ, ଅଗ୍ନିଶମ ବାହିନୀ, ୨ ପ୍ଲାଟୁନ ପୋଲିସ୍ ଫୋର୍ସ ସହ ଗୋପ ତହସିଲ ଅନ୍ତର୍ଗତ ଜଙ୍ଗଲୋବରି ଆରଆଇ ସର୍କଲ ଅଧୀନ ନୟାହାଟ ଅଞ୍ଚଳରେ ଚଢାଉ କରିଥିଲେ। ଏହି ଅଞ୍ଚଳରେ ୫୦ରୁ ଅଧିକ ବେଆଇନ ଇଟାଭାଟି ଚାଲିଥିବା ବେଳେ ବିଭାଗ ପକ୍ଷରୁ ନୋଟିସ୍ କରାଯାଇଥିଲା। ହେଲେ ତାକୁ ଭ୍ରୁକ୍ଷେପ କରି ଇଟା ମାଫିଆ ମାନେ ଗ୍ରାମ, ସ୍କୁଲ୍ ଓ ବଜାର ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ୍ ଭାବେ ଇଟାଭାଟି ନିର୍ମାଣ କରି ବାୟୁ ପ୍ରଦୂଷଣ ସହ ତାପମାନ ବୃଦ୍ଧି କରି ଆସୁଥିଲେ। ଏନେଇ ମିଳିତ ଚଢାଉ କରାଯାଇ ବୁଲଡୋଜାର ଜେସିବି ମେସିନ ଦ୍ୱାରା ସମସ୍ତ ଇଟା ଭାଟି ଭଙ୍ଗା ଯିବା ସହ ଅଗ୍ନିଶମ ବାହିନୀ ଦମକଳ ଦ୍ୱାରା ନିଆଁ ଲିଭା ଯାଇଥିଲା। ଏହି ସମୟରେ ଇଟା ପକାଉଥିବା ପରିବାର ସହ ନିକଟ ଅଞ୍ଚଳର ମହିଳା ଓ ପୁରୁଷ ମାନେ ପ୍ରଶାସନକୁ ଘୋର ବିରୋଧ କରିଥିଲେ। ମେସିନ ଆଗରେ ଶୋଇ ପଡିବା ସହ ଭାଟି ଆଗରେ ଠିଆ ହୋଇ ନେହୁରା ହେଉଥିଲେ। ପ୍ରଶାସନକୁ ଗାଳି ଗୁଲଜ ମଧ୍ୟ କରିଥିଲେ। ପରିସ୍ଥିତି ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ୍ ବାଧ ହୋଇ ପୁରୁଷ ଓ ମହିଳାଙ୍କୁ ଉଠାଇଥିଲା। ଯାହା ଫଳରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମସ୍ତ ଇଟା ଭାଟି ଭଙ୍ଗା ଯାଇଥିଲା। ବେଆଇନ୍ ଇଟାଭାଟି ନିର୍ମାଣ କରି ଅସାଧୁ ବ୍ୟବସାୟୀମାନେ ପରିବେଶ ନଷ୍ଟ କରିବା ସହିତ ବାୟୁ ପ୍ରଦୂଷଣ ଓ ବିଶ୍ୱ ତାପମାନ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଯାହାକୁ ନେଇ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ପରିବେଶବିତ ମାନେ ନିନ୍ଦା ପ୍ରକାଶ କରିଛନ୍ତି। ଏପରି ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବାରୁ ଗୋପ ତହସିଲଦାର ଓ ପୋଲିସ୍ ପ୍ରଶାସନକୁ ସାଧାରଣରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଗୋପ ତହସିଲ ଅଧିନରେ ଥିବା ସମସ୍ତ ଅଞ୍ଚଳରେ ଆହୁରି ବ୍ୟାପକ ଚଢାଉ ଜାରି ରହିବ ବୋଲି ତହସିଲଦାର ଶ୍ରି ଦାଶ କହିଛନ୍ତି। ଏହି ଚଢାଉ ବେଳେ ପୁରୀ ଜିଲ୍ଲା ଖଣିଜ ଅଧିକାରୀ ସମୀର ମିଶ୍ର, ଅତିରିକ୍ତ ଖଣିଜ ଅଧିକାରୀ ବିଶ୍ୱଜିତ୍, ଗୋପ ଥାନା ଅଧିକାରୀ ଦୂର୍ଗା ଚରଣ ମହାପାତ୍ରଙ୍କ ସମେତ ସମସ୍ତ ତହସିଲ, ପୋଲିସ, ଅଗ୍ନିଶମ ଓ ଖଣିଜ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଟ୍ରାକ୍ଟରରେ ମାଟ୍ରିକ୍ ପରୀକ୍ଷାର୍ଥୀ ବୁହା ହେବା ଘଟଣା

# ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି



ବାଲିଗୁଡା, : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ସ୍ଥିତ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାର୍ଥୀ ଟ୍ରାକ୍ଟର ରେ ମାତ୍ର ୩ କି.ମି. କୁଡୁତୁଲି ବିଦ୍ୟାଳୟ କୁ ବୁହା ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମ ରେ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ପାଇଁ ଆହ୍ୱାନ ମୋଡରେ ପ୍ରଶାସନ ତଦନ୍ତ ଆରମ୍ଭ କରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ରଥଙ୍କୁ ଶୁକ୍ରବାର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡିଛି । ପ୍ରଧାନ ଶିକ୍ଷକ ଶ୍ରୀ ରଥ ପ୍ରଥମେ ନିଜ ଦୋଷ ଲୁଚାଇବାକୁ ଯାଇ ଟ୍ରାକ୍ଟର ଡ୍ରାଇଭର ମୁଣ୍ଡରେ ଦୋଷ ଲଦି ଖସି ଯିବା ପାଇଁ ଚେଷ୍ଟା କରିଥିଲେ । ପରେ ଡେ ସ୍କଲାର ପିଲାଙ୍କ ଅଭିଭାବକଙ୍କ ମୁଣ୍ଡରେ ଦୋଷ ଲଦିଲେ । ଘଟଣାର ସଠିକ୍ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡେ ସ୍କଲାର୍ ପିଲା ଅଭିଭାବକ ମାନେ ଦାବି କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଅଭିଭାବକ ମାନେ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ ଯେ, କ.ନୂଆଗାଁ ସ୍ଥିତ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ କୁଡୁତୁଲି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। କେନ୍ଦ୍ରଟି ବିଦ୍ୟାଳୟ ଠାରୁ ପ୍ରାୟ ୩ କିମି ଦୂର । ଗତ ୧୯ ତାରିଖରେ ରେ ଛାତ୍ର ଛାତ୍ରୀ ମାନେ ଟ୍ରାକ୍ଟରରେ ବସି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ । ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ତଦନ୍ତକୁ ତ୍ୱରାନ୍ୱିତ କରି ବିଭାଗୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡିଛି ।

## ବାମରା ରେ ଲଜ୍ୟା: ମାନସିକ ଅନଗ୍ରସର ମୂକ ବଧିର ନାବାଳିକାଙ୍କୁ ଦୁଷ୍କର୍ମ, ପୀଡ଼ିତା ଗର୍ଭବତୀ

ସମ୍ବଲପୁର, : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ମାନସିକ ବିକ୍ଷିପ୍ତ ନାବାଳିକା, ଦୁଷ୍କର୍ମ ର ଶିକାର ହୋଇ ଗର୍ଭବତୀ ହୋଇଥିବା ଭଳି ଲଜ୍ଜାଜନକ ଘଟଣା ଘଟିଥିବା ଜଣାପଡିଛି। ସୂଚନା ଅନୁସାରେ ଗୋବିନ୍ଦପୁର ଥାନା ଅଞ୍ଚଳ ର ଜଣେ ୧୪ ବର୍ଷୀୟ ମାନସିକ ଅନଗ୍ରସର ତଥା ମୁକ ବଧିର ନାବାଳିକାଙ୍କ ଅସ୍ୱାଭାବିକ ଭାବେ ପେଟ ବଢ଼ିବଢ଼ି ଚାଲିଥିବା ବେଳେ ଏହାକୁ ନେଇ ତାଙ୍କ ବାପାମାଆ ସନ୍ଦେହ କରିଥିଲେ। ବୁଧବାର ଦିନ ସେମାନେ ସମ୍ପୃକ୍ତ ନାବାଳିକା ଙ୍କ ଡ଼ାକ୍ତରୀ ଯାଞ୍ଚ କରାଇଥିବା ବେଳେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ମାତ୍ର ନାବାଳିକା ଜଣକ ମୁକ ବଧିର ଥିବା ବେଳେ କିଏ ତାଙ୍କ ସହ ଦୁଷ୍କର୍ମ କଲା ସେ କହି ପାରୁ ନାହାଁନ୍ତି। ଏହାକୁ ନେଇ ପୀଡ଼ିତାଙ୍କ ମାଆ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଉକ୍ତ ଘଟଣା କୁ ନେଇ ଯାଞ୍ଚ ଆରମ୍ଭ କରିଥିବା ସୂଚନା ରହିଛି। ନାବାଳିକା ଜଣକ ପ୍ରାୟ ୪ ମାସର ଗର୍ଭବତୀ ଥିବା ଅନୁମାନ କରାଯାଉଛି। ଗୁରୁବାର ଦିନ ତାଙ୍କ ଡ଼ାକ୍ତରିମାଇନା କରାଯାଇଛି। ଜଣେ ମୁକ ବଧିର ତଥା ମାନସିକ ଅନଗ୍ରସର ନାବାଳିକା ଙ୍କ ସହ ଏପରି ଅମାନୁଷିକ ଘଟଣା ଜାଣି ସମସ୍ତେ ସ୍ତବ୍ଧ ହୋଇ ପଡିଛନ୍ତି। ଅନ୍ୟ ପଟେ ପୋଲିସ ଏନେଇ ସନ୍ଧ୍ୟା ୬ ଟାରେ ଗୋବିନ୍ଦପୁର ଥାନାରେ ପୋସ୍କୋ ଓ ବଳାତ୍କାର ନେଇ ଏକ ମାମଲା ରୁଜୁ କରାଯାଇଛି। ଏସଆଇ ଫିରୋଜ ଏକ୍କା ଉକ୍ତ ଘଟଣାର ତଦନ୍ତ ଦାଇତ୍ୱ ତୁଲାଉଛନ୍ତି।

## ପାଟଣା ମଣ୍ଡିରେ ୧୫ ଦିନ ହେଲା ଧାନକିଣା ବନ୍ଦ

ପାଟଣା, : ପାଟଣା ବ୍ଲକ ମୁଖ୍ୟାଳୟ ଧାନ ମଣ୍ଡି ଓ ଏହା ଅଧିନ ଏରେଣ୍ଡେଇ ଧାନ ମଣ୍ଡି ଏବଂ କେନ୍ଦେଇପଶି ଧାନ ମଣ୍ଡିରେ ଧାନ କ୍ରୟ ୧୫ ଦିନ ହେଲା ବନ୍ଦ ରହିଛି। କୁହା ଯାଉଛି କି ମଣ୍ଡିରେ ଧାନ ରଖିବା ପାଇଁ ଥିବା ଗୋଦାମ ଘରେ ଆଉ ଜାଗା ନଥିବାରୁ ଧାନ କ୍ରୟ କରା ଯାଉନାହିଁ।ଏହି ୩ ଟି ମଣ୍ଡିରୁ ନାରାୟଣ ରାଇସ ମିଲ ଓ ବୈତରଣୀ ରାଇସ ମିଲ ଧାନ ଉଠାଇବା କଥା। ତେବେ ରାଇସ ମିଲରେ ମଧ ଧାନ ରଖିବାକୁ ଏବେ ଜାଗା ନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି।ସୂଚନା ଅନୁଯାୟୀ ପାଟଣା ମଣ୍ଡିରେ ଆଜି ସୁଦ୍ଧା ୧୬ ଶହ କୁଇଣ୍ଟାଲ ଧାନ ଗଛିତ ଥିବା ବେଳେ ଏରେଣ୍ଡେଇ ମଣ୍ଡିରେ ୨୨ ଶହ କୁଇଣ୍ଟାଲ ଓ କେନ୍ଦେଇପଶି ମଣ୍ଡିରେ ୯ ଶହ କୁଇଣ୍ଟାଲ ଧାନ ଧାନ ଗଛିତ ରହିଥିବା ପାଟଣା ଏମଡି ହରମୋହନ ମହାନ୍ତ ସୂଚନା ଦେଇଛନ୍ତି। ଅପର ପକ୍ଷରେ ଏହି ବ୍ଲକର ରାଜନଗର ଲ୍ୟାମ୍ପସ ସହ ଜାମୁନାପଶି ମଣ୍ଡି ,ଚେମେଣା ମଣ୍ଡି ଓ ବାଉଁଶୁଳି ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ସ୍ୱାଭାବିକ ଥିବା ଓ ମିଲର ମାନେ ଏଠାରୁ ଧାନ ଉଠାଉଥିବା ଏମଡି ନିମାଇଁ ଚରଣ ମହାନ୍ତ ସୂଚନା ଦେଇଛନ୍ତି।

## ଜଙ୍ଗଲରେ ନିଆଁ ଲଗାଉଛନ୍ତି ଅମାନିଆ

ପାଟଣା, : କେନ୍ଦୁଝର ଜିଲ୍ଲାର ବିଭିନ୍ନ ଜଙ୍ଗଲ ଏବେ ନିଆଁ ର ଆଁ ଭିତରେ ଥିବା ବେଳେ ଗତକାଲି ପାଟଣା ବନାଞ୍ଚଳର ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ଅନେକ ଗଛ ଜଳି ପୋଡି ନଷ୍ଟ ହୋଇଯାଇଛି। ବାଉଁଶୁଳି ସଂରକ୍ଷିତ ଜଙ୍ଗଲ ରେ ଅଗ୍ନିକାଣ୍ଡ ଯୋଗୁଁ ୪୯ ନମ୍ବର ଜାତୀୟ ରାଜପଥ ଧୂଆଁ ମୟ ହୋଇଯାଇଥିଲା। ବନବିଭାଗର ଆପ୍ରାଣ ଉଦ୍ୟମ ରେ ବ୍ଲୋୟର ମେସିନ ସହାୟତା ନିଆଁକୁ ଆୟତ୍ତ କରାଯାଇଥିଲା। ଗତ ୧୫ ଦିନ ମଧ୍ୟରେ କାଶିଆ ଜଙ୍ଗଲ ସମେତ ଅନ୍ୟୁନ ୯ ଟି ସ୍ଥାନରେ ନିଆଁ ଲାଗିବା ପଛରେ ଖଳ ପ୍ରକୃତିର ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି।

## ଜଙ୍ଗଲ ନିଆଁ ନିବାରଣ ପାଇଁ ଝୁମର ଓ ନାମ ସଂକୀର୍ତ୍ତନ

ପାଟଣା, : ପାଟଣା ବନାଞ୍ଚଳ ଖିରେଇଟାଙ୍ଗରି ସେକ୍ସନ ମାନପୁର ଓ ଭାଲୁପାହାଡି ଗ୍ରାମରେ ବନବିଭାଗ ପକ୍ଷରୁ ଝୁମର ଓ ନାମ ସଂକୀର୍ତ୍ତନ ମାଧ୍ୟମରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ବନରକ୍ଷୀ ଦେବଜାନୀ ମହାନ୍ତ ଓ ଅନନ୍ୟ ପ୍ରିୟଦର୍ଶିନୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଙ୍ଗଲରେ ନିଆଁ ନଲଗାଇବା, ନିଆଁ ଲାଗିଥିଲେ ବନବିଭାଗକୁ ସୂଚନା ଦେବା ଆଦି ବାର୍ତ୍ତା ପ୍ରଦାନ ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

## ବାଲି ବୋଝେଇ ଟ୍ରାକ୍ଟର ଜବଦ କଲା ପୁଲିସ

ପାଟଣା, : ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡା ନିକଟରୁ ଆଜି ପାଟଣା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବଦ କରି ଥାନା ପରିସରକୁ ଆଣିଛି।ଅଙ୍କୁରା ବୈତରଣୀ ଘାଟରୁ ଟ୍ରାକ୍ଟର ଟି ବେଆଇନ ଭାବେ ବାଲି ପରିବହନ କରୁଥିଲା। ଏନେଇ ଖଣି ବିଭାଗକୁ ସୂଚନା ଦିଆଯିବା ସହ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ଠାରୁ ପ୍ରକାଶ।

# ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ

## 'କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା'




ବାଲିଗୁଡା, : ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ, ଭୁବନେଶ୍ୱର, ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟସ୍ତରୀୟ ଏକଦିବସୀୟ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରର ଶୀର୍ଷକ ଥିଲା 'କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା' । ଏଥିରେ ଉଦଘାଟକ ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ କନ୍ଧମାଳର ଲୋକ ସଂସ୍କୃତି ହିଁ କନ୍ଧମାଳକୁ ବିଶ୍ୱଦରବାରରେ ପରିଚୟ ଦେଇଛି ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧକ୍ଷ ଡ. ଦୀପକ କୁମାର ମହାନ୍ତି, ଶ୍ରୀଭରତପତି ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ । ଭିର୍ତ୍ତି ପ୍ରବନ୍ଧ ଉପସ୍ଥାପକ ଭାବେ ଦୀନକୃଷ୍ଣ ମହାପାତ୍ର ବିଷୟ ବସ୍ତୁର ଉପସ୍ଥାପନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ଶ୍ରୀମାନ୍ କାହ୍ନୁ ଚରଣ ପାତ୍ର ଏବଂ ଏ. ଏମ୍. ସି. ଏସ୍ ମହାବିଦ୍ୟାଳୟର ସ୍ନାତକ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁଲେଖା ଭୋଇ ପ୍ରବନ୍ଧ ପାଠ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପରିଶୁଦ୍ଧ ଓଡ଼ିଆ ଭାଷା ଲିଖନ, ପ୍ରବନ୍ଧ ଓ ତର୍କ ତିନୋଟି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କୃତି ପ୍ରତିଯୋଗୀଙ୍କୁ ପ୍ରଥମ ସ୍ଥାନ ଅଧିକାରୀ ଙ୍କୁ ୧୫୦୦, ଦ୍ୱିତୀୟ ସ୍ଥାନ ଅଧିକାରୀଙ୍କୁ ୧୨୦୦ ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୧୦୦୦ ଆର୍ଥିକ ରାଶି ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ବନମାଳୀ ବେହେରା ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରିଲୁ ପ୍ରଧାନ, ଭଞ୍ଜକିଶୋର ସାହୁ, ଅଜୟ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

# ବେଆଇନ୍ ହୋର୍ଡିଂ ପଛରେ ବଡ କେଳେଙ୍କାରୀ

ଭୁବନେଶ୍ୱର, : ରାଜଧାନୀରେ ବିଶାଳକାୟ ହୋର୍ଡିଂ ଖୁଣ୍ଟ ଉପୁଡି ଦୁଇଜଣଙ୍କ ମୃତ୍ୟୁ ଓ ତିନିଜଣ ଗୁରୁତର ଆହତହେବା ପରେ ଏବେ ହୋର୍ଡିଂ କେଳେଙ୍କାରୀ ସମ୍ପର୍କରେ ଗୁରୁତର ଅଭିଯୋଗମାନ ଆସୁଛି । କେବଳ ଭୁବନେଶ୍ୱର ମହାନଗର ନିଗମ ନୁହେଁ, କଟକ ମହାନଗର ନିଗମ ସମେତ ଅନ୍ୟ ପୌରାଞ୍ଚଳରେ ବି ହୋର୍ଡିଂ ପାଇଁ କର୍ତ୍ତୃପକ୍ଷ କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି । ସୁଉଚ୍ଚ ହୋର୍ଡିଂ ଖୁଣ୍ଟ ପୋତିବା ପାଇଁ କିଏ ଅନୁମତି ଦେଉଛନ୍ତି ଏବଂ ଏହାର ନିରାପତ୍ତା ଦାୟିତ୍ୱରେ କେଉଁମାନେ ରହୁଛନ୍ତି ସେଥିନେଇ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି । କେବଳ ସେତିକି ନୁହେଁ, ଛୋଟ ବଡ ହୋର୍ଡିଂ ଲଗାଇବାକୁ ଯାହା ସବୁ କଟକଣା ରହିଛି ତାହାର ଅନୁପାଳନ ନକରି ରାସ୍ତା ମେଡିଆନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବିପଦଜନକ ଭାବେ ହୋର୍ଡିଂମାନ ଲାଗୁଛି । ଏହି ହୋର୍ଡିଂରେ ଦିଆଯାଉଥିବା ବିଜ୍ଞାପନ ବାବଦରେ ପୌରସଂସ୍ଥାଗୁଡିକ ମାଧ୍ୟମରେ ରାଜକୋଷକୁ ଯେତେ ଅର୍ଥ ଆସିବାକଥା ତାହା ଆଦାୟ ହୋଇପାରୁ ନାହିଁ । ଏହା ପଛରେ ବହୁତ ବଡ ବଡିଆଙ୍କ ହାତ ଥିବା କୁହାଯାଉଛି । କଟକ ମେୟର ସୁବାସ ସିଂହ ସ୍ୱୀକାର କରିଛନ୍ତି ଯେ କଟକ ମହାନଗର ନିଗମ ଅଞ୍ଚଳରେ ବହୁ ସଂଖ୍ୟକ ବିପଦଜନକ ହୋର୍ଡିଂ ଖୁଣ୍ଟମାନ ରହିଛି । ଏହାର ରକ୍ଷଣାବେକ୍ଷଣ ସମ୍ପୃକ୍ତ ସଂସ୍ଥା କରୁନାହାନ୍ତି । ଫଳରେ ରଙ୍ଗଛାଡି କେଉଁଠି ହୋର୍ଡିଂ ଖୁଣ୍ଟରେ କଳଙ୍କି ଲାଗୁଛି ତ ଆଉ କେଉଁଠି ଏହା ଉପରେ ଲଟା ମାଡି ଭୟଙ୍କର ଅବସ୍ଥା ସୃଷ୍ଟି ହେଉଛି । ଏଭଳି ବିପଦଜନକ ହୋର୍ଡିଂ ଖୁଣ୍ଟମାନ ହଟାଇବାପାଇଁ ସେ ବିଏମ୍‌ସିର ଭାରପ୍ରାପ୍ତ ଅଧିକାରୀମାନଙ୍କୁ




ନିର୍ଦ୍ଦେଶ ଦେବାସହିତ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ଏସଓପି ଅଣାଯିବ ବୋଲି ସୂଚନା ଦେଇଛନ୍ତି । ହୋର୍ଡିଂ ବିଜ୍ଞାପନରେ ଫ୍ଲେକ୍ସ କାଟି କଣାମାନ ରହିଲେ ସେ ବାଟେ ପବନ ଯାଇପାରିବ । କିନ୍ତୁ କଣା ଥିବା ଫ୍ଲେକ୍ସ ବିଜ୍ଞାପନ ଲଗାଇବାକୁ ସଂସ୍ଥାମାନେ ନାକ ଟେକୁଛନ୍ତି । ଏଥିଯୋଗୁଁ ବହୁ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି । ରାଜଧାନୀର ମୁଖ୍ୟ ରାସ୍ତାଗୁଡିକର ମେଡିଆନ ଏବଂ ରାସ୍ତାକଡ ଫୁଟପାଥକୁ ଲାଗିଥିବା ଲୁହା ଓ ଷ୍ଟିଲ୍ ବାଡରେ ବି ମାଳ ମାଳ ହୋର୍ଡିଂ ଲାଗୁଛି । ଏହା ଲଗାଇବାକୁ କିଏ ଅନୁମତି ଦେଉଛି ଏବଂ ଏ ବାବଦରେ ବିଏମସି କେତେ ଅର୍ଥ ପାଉଛି ସେଥିନେଇ ପ୍ରଶ୍ନ ଉଠିଲାଣି । ବିଶେଷକରି ଯେଉଁମାନଙ୍କ ଆକର୍ଷଣୀୟ ଫଟୋମାନ ଏହି ହୋର୍ଡିଂଗୁଡିକରେ ଶୋଭା ପାଉଛି ସେମାନେ ଏଥିଲାଗି ଅର୍ଥ ପଇଠ କରୁଛନ୍ତି କି ନାହିଁ ସେ ସଂକ୍ରାନ୍ତରେ କେହି କିଛି କହୁନାହାନ୍ତି । ତେବେ ବିଏମସି ସମେତ ବହୁ ପୌରସଂସ୍ଥାର ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ବିଜ୍ଞାପନ ବ୍ୟବସାୟରେ ପଶିଥିବା ପଞ୍ଜିକୃତ ସଂସ୍ଥାମାନେ ଆଇନାନୁଯାୟୀ ହୋର୍ଡିଂଖୁଣ୍ଟ ବସାଇବା ପୂର୍ବରୁ ଅନୁମତି ନେବାକଥା । ଏମିତିକି ଘରୋଇ କୋଠାବାଡି ଉପରେ ହୋର୍ଡିଂ ବିଜ୍ଞାପନ ପାଇଁ ବି ଅନୁମତି ଆବଶ୍ୟକ । କେବଳ ସେତିକି ନୁହେଁ, ଯେଉଁମାନେ ହୋର୍ଡିଂ ବିଜ୍ଞାପନ ପ୍ରଦର୍ଶନ ପାଇଁ ଦାୟିତ୍ୱ ନେଉଛନ୍ତି ଏ ବାବଦରେ ସେମାନେ ନିର୍ଦ୍ଦିଷ୍ଟ ଫି ମଧ୍ୟ ବିଏମସି ସମେତ ପୌରସଂସ୍ଥାଗୁଡିକୁ ପଇଠ କରିବାକଥା । ଏ ବାବଦରେ କୋଟି କୋଟି ଟଙ୍କା ବାକି ପଡିଥିଲେ ବି ବିଜ୍ଞାପନପାଇଁ ଠିକା ନେଇଥିବା ସଂସ୍ଥାମାନେ ପୌରସଂସ୍ଥାଗୁଡିକୁ ସମ୍ପୂର୍ଣ୍ଣ ଅର୍ଥ ପଇଠ କରୁନାହାନ୍ତି । ଯେଉଁ କ୍ଷେତ୍ରରେ ହୋର୍ଡିଂ ଷ୍ଟାଣ୍ଡଗୁଡିକୁ ପୌର କର୍ତ୍ତୃପକ୍ଷ ବିପଦସଙ୍କୁଳ ଘୋଷଣା କରୁଛନ୍ତି ତାହାକୁ ତୁରନ୍ତ ହଟାଯାଉ ନାହିଁ । ଆଇଗିଣିଆ ଅଞ୍ଚଳରେ ଯେଉଁ ହୋର୍ଡିଂ ଦୁର୍ଘଟଣା ପାଇଁ ଦୁଇଟି ଜୀବନ ଚାଲିଗଲା ତାହାକୁ ବି ବିପଦସଙ୍କୁଳ ଘୋଷଣା କରାଯାଇଥିବା କୁହାଯାଉଛି । ତେବେ ଏହାକୁ ବିଏମସି କର୍ତ୍ତୃପକ୍ଷ ଓ ସମ୍ପୃକ୍ତସଂସ୍ଥା କାହିଁକି ହଟାଇଲେ ନାହିଁ ସେଥିନେଇ ପ୍ରଶ୍ନ ଉଠିବାରେ ଲାଗିଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ କଲେ ହୋର୍ଡିଂ କେଳେଙ୍କାରୀର ଅନେକ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି ।

## ସର୍ବୋଦୟ କର୍ମୀଙ୍କ ପାଇଁ ସ୍ମୃତି ସଭା



ପାଟଣା : ସାହାରପଡା ବ୍ଲକ ଅନ୍ତର୍ଗତ ବାଇକଳା ଗ୍ରାମ ରେ ସର୍ବୋଦୟ କର୍ମୀ ରବୀନ୍ଦ୍ର ବାରିକ ଙ୍କ ଏକାଦଶାହ ଦିନ ଗତକାଲି ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭା କୁ ଓଡିଶା ଗାନ୍ଧୀ ବିଚାର ପରିଷଦ ର ସଭା ପତି ତଥା ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି ପରିଚାଳନା କରିଥିଲେ । ଶ୍ରୀ ମହାନ୍ତି କହିଥିଲେ ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟି ଠାରେ ସ୍ୱର୍ଗତ ରବି ପଟ୍ଟନାୟକ ସର୍ବୋଦୟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ତାଙ୍କରି ଆଦର୍ଶ ରେ ଅନୁପ୍ରାଣିତ ହୋଇ ୧୯୮୦ ମସିହା ରେ ରବୀନ୍ଦ୍ର ବାରିକ ବାଇକଳା ଗ୍ରାମରୁ ଯାଇ ଗୋନାସିକା ନିକଟ କଦଳିବାଡି ଗ୍ରାମ ରେ ଜୁଆଙ୍ଗ ଶିଶୁ ମାନଙ୍କୁ ପାଠ ପଢାଉ ଥିଲେ ସେଠାରେ ସେ ରବି ଗୁରୁଜୀ ନାମରେ ପରିଚିତ ଥିଲେ । ପରବର୍ତ୍ତୀ ସମୟରେ ଜନଚେତନା ପରିଷଦ ରେ କାର୍ଯ୍ୟ କରୁଥିବା ସମୟ ରେ ଏକାଦଶ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସି ଟି ପରୀକ୍ଷା ଦେଇ ଥିଲେ ପରେ ସେ ସରକାରୀ ଶିକ୍ଷକ ହୋଇ ଅବସର ନେଇ ଥିଲେ । ତାଙ୍କର ଅନ୍ୟତମ ସହକର୍ମୀ କର୍ଣ୍ଣାଟ କେଶରୀ ଜେନା ସ୍ମୃତି ଚାରଣ ସଭା ରେ ରବୀନ୍ଦ୍ର ବାରିକ କିପରି ସର୍ବୋଦୟ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଖଦି ର ଧୋତି ପଞ୍ଜାବୀ ପରିଧାନ କରି ଜୁଆଙ୍ଗ ଶିଶୁ ମାନଙ୍କୁ ଶିକ୍ଷା ଦାନ କରୁ ଥିଲେ ତାହା ବର୍ଣ୍ଣନା କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଧର୍ମ ପତ୍ନୀ ଛାୟା ମଣି ବାରିକ, ୨ ପୁତ୍ର ଓ ୨ କନ୍ୟା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

## ମୁରୁସୁଆଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ସମାରୋହ

ପାଟଣା :ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ ସମାରୋହ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇ ଯାଇଛି ।ଜ୍ୟୋତିରଞ୍ଜନ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ମୁଖ୍ୟ ବକ୍ତା ଭାବେ ଖଗେଶ୍ୱର ମହାନ୍ତ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ,, ଚେମଣା ସମିତି ସଭ୍ୟ ମନୋଜ କୁମାର ମହାନ୍ତ, ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ,ପୂର୍ବତନ ସମିତି ସଭ୍ୟ ସୁରେଶ ସାହୁ,ପ୍ରମୁଖ ଯୋଗ ଦେଇଥିଲେ ।ପ୍ରଧାନ ଆଚାର୍ଯ୍ୟ ରାମଚନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ ।ସମ୍ପାଦକ ଜ୍ଞାନେନ୍ଦ୍ର ସାହୁ ଓ ଗୁରୁଜୀ ଗୁରୁମା ମାନେ କାର୍ଯ୍ୟକ୍ରମ ରେ ସାମିଲ ଥିବା ବେଳେ ବାର୍ଷିକ କ୍ରୀଡା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଏଠାରେ ପୁରସ୍କାର ପ୍ରମାଣପତ୍ର ପ୍ରଦାନ ସହ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଠେଲା ଗାଡ଼ିକୁ ଧକ୍କା ଦେଲା ବୁଲେଟ୍; ଜଣେ ଗୁରୁତର

ବେଲଗୁଣ୍ଠା : ଏକ ବୁଲେଟ୍ ଦ୍ରୁତ ଗତିରେ ଆସି ଏକ ଠେଲା ଗାଡିକୁ ପଛପଟୁ ଧକ୍କା ଦେବା ଫଳରେ ଠେଲା ଗାଡ଼ି ଧରି ଯାଉଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ମଙ୍ଗଳବାର ସନ୍ଧ୍ୟାରେ ବେଲଗୁଣ୍ଠା ଗୋପୀନାଥ ସାହିର ମଙ୍ଗୁଲୁ ସ୍ୱାଇଁ ତନରଡା ଚାଲିଥିବା ନାମଯଜ୍ଞ ମୀନା ବଜାରରୁ ଝାଲ୍ ମୁଢ଼ି ବିକି ନିଜ ଠେଲା ଗାଡ଼ି ସହିତ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ସମୟରେ ବେଲଗୁଣ୍ଠା ପାନ କିଆରି ନିକଟରେ ଭଞ୍ଜନଗର ପଟୁ ଦ୍ରୁତ ଗତିରେ ଆସୁଥିବା ଓଡ଼୩୨ଔ୫୧୭୮ ନମ୍ବର୍ ବିଶିଷ୍ଟ ବୁଲେଟ୍ ଗାଡ଼ି ମଙ୍ଗୁଲୁଙ୍କ ଠେଲା ଗାଡିକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ମଙ୍ଗୁଲୁ ଛିଟିକି ପଡି ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ମଙ୍ଗୁଲୁଙ୍କୁ ପ୍ରଥମେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିବା ପରେ ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲ୍ କୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କ ଅବସ୍ଥାରେ କୌଣସି ସୁଧାର ନଆସିବାରୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱର ନେବାକୁ ଯୋଜନା କରୁଥିବା ଜଣା ପଡିଛି । ମଙ୍ଗୁଲୁଙ୍କ ମୁଣ୍ଡରେରେ ରକ୍ତ ଜମାଟ ବାନ୍ଧିଥିବା ସୂଚନା ମିଳିଛି ଓ ଅନ୍ୟପଟେ ମଙ୍ଗୁଲୁ ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବୀ କରୁଛନ୍ତି । ମିଳିଥିବା ସୂଚନା ପ୍ରକାରେ ଝାଡ଼ଭୂମି ଗ୍ରାମର ରଞ୍ଜନ ସାମଲ୍ ବୁଲେଟ୍ ଚଳାଉଥିବା ବେଳେ କଣ୍ଡରସିଂ ଗ୍ରାମର ରିଙ୍କୁ ସ୍ୱାଇଁ ସେଥିରେ ବସିଥିଲେ । ଦୁର୍ଘଟଣା ପରେ କୌଶଳ କ୍ରମେ ମେଡିକାଲ ନେବାର ବାହାନା କରି ବୁଲେଟ ଧରି ଉଭୟ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ଗୁରୁତରଙ୍କ ପରିବାର ଲୋକେ ଅଭିଯୋଗ କରିଥିବା ସୂଚନା ମିଳିଛି ।

# ଶିକ୍ଷାଗତ ପ୍ରମାଣପତ୍ର ଜାଲିଆତି କରି ଶିକ୍ଷୟତ୍ରୀ ଚାକିରୀ ଅଭିଯୋଗ

କଣାସ, :ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତ ମାନର ଶ୍ରେଣୀଗୃହ ଅଭିଜ୍ଞ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କରି ନିଯୁକ୍ତି କରୁଛନ୍ତି ।ଯାହା ଫଳରେ ଛାତ୍ର ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ହୋଇପାରିବ ହେଲେ କେତେକ ଅସାଧୁ ଶିକ୍ଷକ ଶିକ୍ଷୟତ୍ରୀ କେତକ ଗଳାବାଟ ଦେଇ ବୟସ ଓ ଶିକ୍ଷାଗତ ପ୍ରମାଣପତ୍ର ଜାଲିଆତି କରି ଚାକିରି ହାତେଇ ନେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ଖବରରୁ ପ୍ରକାଶ ପୁରୀ ଜିଲ୍ଲା କଣାସ ବ୍ଲକ୍ ବିଜିପୁର ଗ୍ରାମର ସସ୍ମିତା ଜେନା ସୂଚନା ଅଧିକାର ଆଇନ ବଳରେ ପୁରୀ ଜିଲ୍ଲା କଣାସ ବ୍ଲକ ଖଣ୍ଡହତା ପଞ୍ଚାୟତ ତିଗିରିଆ ଗ୍ରାମରେ ଥିବା ବଡ଼ କାଳୁ ଚରଣ ହାଇସ୍କୁଲର କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପୋଷ୍ଟ ଅପ୍ରୁଭାଲ ବିଷୟରେ ଗତ ତା ୨୬/୦୮/୨୦୨୫ ତାରିଖରେ ମାଧ୍ୟମିକ ଶିକ୍ଷା ପରିଷଦ କଟକକୁ ସୂଚନା ଅଧିକାର ଆଇନରେ ମାଗିଥିଲେ । ମାଧ୍ୟମିକ ଶିକ୍ଷା ପରିଷଦ କଟକ ଚିଠି ସଂଖ୍ୟା ୧୯୩୭/୦୩/୧୧/୨୦୨୫ ରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ମାନଙ୍କର ଶିକ୍ଷାଗତ ପ୍ରମାଣ ପତ୍ରର ନକଲ ସହିତ ଅନ୍ୟାନ୍ୟ ସରକାରୀ ଚିଠିର ନକଲ ମଧ୍ୟ ପ୍ରଦାନ କରିଥିଲେ । ସେଥିରୁ ଜଣାପଡ଼ିଲା ବିଦ୍ୟାଳୟଟି ୦୧/୧୦/ ୨୦୧୫ ରୁ ଆର୍ଥିକ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟତ୍ରୀ ରଶ୍ମିତା ବଳିଆରସିଂହ ମଧ ୦୧/୧୦/ ୨୦୧୫ ରୁ ନିଜର ଶିକ୍ଷାଗତ ଯୋଗ୍ୟତା ସଂସ୍କୃତରେ ମାଷ୍ଟର ଡିଗ୍ରୀ ଉତ୍ତୀର୍ଣ୍ଣ ବୋଲି ଆପ୍ରୁଭାଲ ଚିଠିରେ ଉଲ୍ଲେଖ ରହିବା ସହିତ ୦୧/୧୦/୨୦୧୫ରୁ ବେସିକ ୯୩୦୦ ସହିତ ଗ୍ରେଡପେ ୪୨୦୦ ହାରରେ ଦରମା ନେଇଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ସଂସ୍କୃତ ଶିକ୍ଷୟତ୍ରୀ ରଶ୍ମିତା ବଳିଆରସିଂହ ରିନୁୱାଲରେ ପ୍ରଦାନ କରିଥିବା ପ୍ରମାଣ ପତ୍ରରୁ ଜଣ ପଡ଼ିଲା ଯେ ସଂସ୍କୃତରେ ମାଷ୍ଟର ଡିଗ୍ରୀ ପରୀକ୍ଷା ୨୦୧୫ ମସିହା ନଭେମ୍ବର ମାସରେ ଦେଇଛନ୍ତି ।ଯାହାର ରୋଲ ନମ୍ବର ୨୨୭୦୮ଭି୧୩୮୦୨୫ ଅଟେ । ୧୫/ ୧୧/୨୦୨୫ ରେ ସୂଚନା ଅଧିକାର ଆଇନ ବଳରେ ସଂପୃକ୍ତ ଶିକ୍ଷୟତ୍ରୀଙ୍କ ରୋଲ୍ ନମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ତଥ୍ୟ ମାଗିବାରୁ ଜଣା ପଡ଼ିଲା ତାଙ୍କର ସଂସ୍କୃତର ମାଷ୍ଟର ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶନର ତାରିଖ ହେଉଛି ୨୬/୦୭/୨୦୧୬ । ଏଠି ପ୍ରଶ୍ନ ଉଠୁଛି ଯଦି ସଂପୃକ୍ତ ସଂସ୍କୃତ ଶିକ୍ଷୟତ୍ରୀ ୨୬/ ୦୭/୨୦୧୬ରେ ସଂସ୍କୃତରେ ମାଷ୍ଟର ଡିଗ୍ରୀ ପାସ୍ କରିଥିଲେ ହେଲେ ୦୧/୧୦/୨୦୧୫ ରେ କିଭଳି ତାଙ୍କର ସଂସ୍କୃତ ଶିକ୍ଷୟତ୍ରୀ ପଦବୀ ପାଇଁ ଅନୁ ମୋଦନ ମିଳିଲା ।ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଲା ସଂପୃକ୍ତ ଶିକ୍ଷୟତ୍ରୀ ଶିକ୍ଷାଗତ ପ୍ରମାଣପତ୍ର ଜାଲିଆତି କରି ଚାକିରି ହାତେଇଛନ୍ତି ।ଏହାର ବିରୁଦ୍ଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ସସ୍ମିତା ଜେନା ଦାବୀ କରିଛନ୍ତି ।

# ପରୀକ୍ଷା ସମୟରେ ବୁଦ୍ୟୁତ ବିଭ୍ରାଟ ଅଧଘଣ୍ଟାଏ କଟିଲା

ପାଟଣା : ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଚାଲୁ ରହିଥିବା ବେଳେ ବୁଧବାର ବିଜ୍ଞାନ ପରୀକ୍ଷା ଶେଷ ହୋଇଛି । ପାଟଣା ବ୍ଲକ ରେ ପରୀକ୍ଷା ପରିଚାଳନା ରେ ଅବ୍ୟବସ୍ଥା ଦେଖା ଦେଇଛି । ତେବେ ବିଜ୍ଞାନ ପରୀକ୍ଷା ଚାଲିଥିବା ସମୟ ରେ ଦିନ ୧୧ ଟାରୁ ୧୧.୩୦ ପର୍ଯ୍ୟନ୍ତ ପାଟଣା ମୁଖ୍ୟାଳୟ ରେ ବିଦ୍ୟୁତ ସରବରାହ ରେ ବ୍ୟାହତ ହୋଇଥିଲା ।ଫଳରେ ଛାତ୍ର ଛାତ୍ରୀ ମାନେ ପରିକ୍ଷା ଦେବାରେ ସମସ୍ୟା ର ସମ୍ମୁଖୀନ ହୋଇଥିଲେ । ଟାଙ୍ଗରପଡା ପରୀକ୍ଷାକେନ୍ଦ୍ର ରେ ବିଦ୍ୟୁତ ଯିବା ପରେ ପରୀକ୍ଷା କେନ୍ଦ୍ର ର ଡି.ଜି କିଛି ସମୟ ମଧ ବିଦ୍ୟୁତ ଯୋଗାଇବାରେ ଅସମର୍ଥ ହୋଇଥିଲା । ବିଦ୍ୟୁତ କାଟ ର ସୁଯୋଗ ନେଇ ଛାତ୍ର ଛାତ୍ରୀ ମାନଙ୍କୁ କପଡାକି ଦିଆଯାଇଥିବା ନେଇ ଜଣେ ପରୀକ୍ଷାର୍ଥୀ ସଙ୍ଗୀନ ଅଭିଯୋଗ କରିଛନ୍ତି । ସରକାର ମ୍ୟାଟ୍ରିକ ପରୀକ୍ଷା ରେ କପି ରୋକିବା ପାଇଁ ପରୀକ୍ଷା କେନ୍ଦ୍ର ରେ କ୍ୟାମେରା ଲଗାଇଥିବା ବେଳେ ବିଦ୍ୟୁତ କାଟ ର ସୁଯୋଗ ନେଇ କିଛି ଛାତ୍ର ଛାତ୍ରୀ ଙ୍କୁ କପି ଡାକି ଦେଇଥିବା ନେଇ ଆଲୋଚନା ହେଉଛି ଟାଙ୍ଗରପଡା ସମେତ ପାଟଣା ମୁଖ୍ୟାଳୟ ରେ ମଧ ସମାନ ଅବସ୍ଥା ଦେଖିବା କୁ ମିଳିଛି । ବିଦ୍ୟୁତ କାଟ ନେଇ ବିଦ୍ୟୁତ ବିଭାଗ ର କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମିଶ୍ର ଙ୍କୁ ପଚାରିବା ରୁ ମାର୍କେଟ ରେ କେବୁଲ ପୋଡି ଯାଇଥିବା ଯୋଗୁଁ କିଛି ସମୟ ପାଇଁ ବିଦ୍ୟୁତ କାଟ ହୋଇଥିବା ନେଇ କହିଥିଲେ ।ପରୀକ୍ଷା ଚାଲିଥିବା ସମୟ ରେ ଡିଜି ଚଲା ଯାଇଥିବା ନେଇ ଟାଙ୍ଗରପଡା ପରୀକ୍ଷା କେନ୍ଦ୍ର ର ସୁପରିଟେଣ୍ଡେଣ୍ଟ କହିଥିବା ବେଳେ ଟାଙ୍ଗରପଡା ପରୀକ୍ଷାକେନ୍ଦ୍ର ରେ ଡ୍ୟୁଟି ରେ ଥିବା କିଛି ସରକାରୀ କର୍ମଚାରୀ ଓ ଶିକ୍ଷକ ମାନଙ୍କ ସମ୍ପର୍କୀୟ ମାନେ ପରୀକ୍ଷା ଦେଉଥିବା ରୁ ଏଠାରେ କପି ଚାଲୁଥିବା ନେଇ ଅଭିଯୋଗ ହୋଇଛି । ଅନ୍ୟପଟେ ତୁରୁମୁଙ୍ଗା ଦଧିବାମନ ଉଚ୍ଚ ବିଦ୍ୟାଳୟ ର ପରୀକ୍ଷା କେନ୍ଦ୍ର ରେ ପରୀକ୍ଷାର୍ଥୀ ମାନଙ୍କୁ ଛୋଟ ଛୋଟ ଟେବୁଲ ଡେ଼ସ୍କ ଦେଇଥିବା ଯୋଗୁଁ ଠିକ ଭାବରେ ବସି ପାରୁ ନାହାଁନ୍ତି ଯାହା ଫଳରେ ପ୍ରଶ୍ନ ଉତ୍ତର ଲେଖିବା ରେ ସମସ୍ୟା ଭୋଗୁଛନ୍ତି ପରୀକ୍ଷାର୍ଥୀ । ଏଥି ପ୍ରତି ଜିଲ୍ଲା ଶିକ୍ଷାଅଧିକାରୀ ଦୃଷ୍ଟି ଦେବା କୁ ଦାବି ହୋଇଛି ।

## ମାଆ ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା ପରେ ଦେବସ୍ନାନ କରାଗଲା



ବେଲଗୁଣ୍ଠା : ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ତନରଡା ଗ୍ରାମରେ ମାଆ ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ୪୮ ପ୍ରହର ଅଖଣ୍ଡ ନାମ ଯଜ୍ଞ,ଅନ୍ନ ଯଜ୍ଞ,ଗୋ ଯଜ୍ଞ, ଘୃତ ଯଜ୍ଞ,ପଞ୍ଚ କୁଣ୍ଡିୟ ମହା ଯଜ୍ଞ ପାଞ୍ଚ ଦିନ ହେଲା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଜି ସୂର୍ଯ୍ୟପୂଜା, ଶାଳ ପୂଜା, ମଣ୍ଡଳ ପୂଜା,ମାଙ୍କୁ ଦିନ ଏଗାର ଘଣ୍ଟା ତିରିଶ ମିନଟ ସମୟରେ ହୋମଯଜ୍ଞ ପୂଜାପାଠ ପରେ ଦେବସ୍ନାନ ଓ ଜୀବନ୍ୟାସ ଆଳତି ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଗ୍ରାମରେ ମୀନା ବଜାର, ରାମ ଦୋଳି, ଟୋରାଟୋରା, ଡିସ୍କୋ ଭଳି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଅପେରା କାଯ୍ୟକ୍ରମ ଚାଲୁରହିଛି । ବିଭିନ୍ନ ଖାଦ୍ୟ ଷ୍ଟଲ୍ ଏବଂ ଦୋଳି ନିକଟରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି ଓ ସେହିପରି ମନ୍ଦିରର ସାଜସଜ୍ଜା, ଆକର୍ଷଣୀୟ ଶବ୍ଦ, ଆଲୋକ ମାଳାରେ ଗ୍ରାମ ଝଲସି ଉଠୁଛି ଓ ଗତ କୋଡିଏ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟକ୍ରମରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି ଓ ଆଜି ସନ୍ଧ୍ୟା ସାତଟା ରେ ମା ଙ୍କ ଆରତୀ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଆସନ୍ତା କାଲି ବେଦପାଠ ହୋମ ହେବାପରେ ନୟାଗଡ଼ ଜିଲ୍ଲା ଖଣ୍ଡପଡା ରୁ ଅଣାଯାଇଥିବା ମାଙ୍କ ପିତଳ ମୂର୍ତ୍ତିକୁ ନଗର ପରିକ୍ରମା ପରେ ଗୃହ ପ୍ରବେଶ କରାଯାଇ ସିଂହାସନ ଆରୋହଣ କରାଯିବ ବୋଲି ଜଣାପଡିଛି । ଏହି କାଯ୍ୟକ୍ରମ ରେ ଗୁରୁଜୀ ଶାନ୍ତନୁ ପଢ଼ିଙ୍କ ତତ୍ତ୍ୱାବଧାନରେ ଏକ ପନ୍ଦର ଜନିଆଁ ବୈଦ୍ଧିକ ବ୍ରହ୍ମହ ମଣ୍ଡଳୀ ଯୋଗଦେଇଛନ୍ତି ।

## ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ନୂତନ କମିଟି ଗଠନ

ବାଲିଗୁଡା :କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକରେ ଥିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସଭାପତି ଚତୁର୍ଭୁଜ ରାଉତ, ଜିଲ୍ଲା ସଂପାଦକ ରଞ୍ଜନ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇ, ଜିଲ୍ଲା କମିଟି ସଦସ୍ୟ ପ୍ରଦ୍ୟୁମ୍ନ କୁମାର ଜେନା ପ୍ରମୁଖ ଯୋଗଦେଇ ଆସନ୍ତା ତିନି ବର୍ଷ ପାଇଁ ଓଷ୍ଟାର ନୀତି ନିୟମ ଅନୁସାରେ କ.ନୂଆଗାଁ ବ୍ଲକର କମିଟି ନିର୍ବାଚନ କରିଥିଲେ । ଏହି ନିର୍ବାଚନରେ ନୂତନ ସଭାପତି ଭାବେ ବି.ଦୁର୍ଯ୍ୟୋଧନ ରେଡ଼ି, ଉପ ସଭାପତି ଭାବେ ବନ ବିହାରୀ ସୁବୁଦ୍ଧି, ମହିଳା ଉପ ସଭାପତି ସଂଯୁକ୍ତା ବିଶ୍ୱାଳ, ସଂପାଦକ ଅବଦୁଲ ଗଫୁର ଖାଁ, ସହ ସଂପାଦକ ଭାବେ ସତ୍ୟ ନାରାୟଣ ବେହୁରା, ମହିଳା ସହ ସଂପାଦକ ଭାବେ ଉଷାରାଣୀ ଶତପଥୀ, ଜିଲ୍ଲା କମିଟି ସଦସ୍ୟ ଭାବେ ପ୍ରକାଶ ରଥ, ରାଜ୍ୟ କମିଟି ସଦସ୍ୟ ଭାବେ ମନୋରଞ୍ଜନ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକରେ ଥିବା ଓଷ୍ଟାର ସମସ୍ତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିବା ବେଳେ ନୂତନ କର୍ମକର୍ତ୍ତା ମାନଙ୍କୁ ସଂଗ୍ରାମୀ ଅଭିନନ୍ଦନ ସହିତ ଶୁଭକାମନା ଜଣାଇ ବିଦାୟୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହା ସହ କାର୍ଯ୍ୟକ୍ରମ ଶେଷରେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇ ଶପଥ ପାଠ କରାଇବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷକ ମାନଙ୍କ ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ।



## ଅଲଟ୍ରାଟେକ୍ ପକ୍ଷରୁ ରାଜମିସ୍ତ୍ରୀ କର୍ମଶାଳା

ପାଟଣା :ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ର ଶଙ୍କର୍ଷଣ ସାହୁ ଏଣ୍ଡ ସନ୍ସ ପକ୍ଷରୁ ଦେଶର ଅଗ୍ରଣୀ ସିମେଣ୍ଟ ନିର୍ମାତା ଅଲଟ୍ରାଟେକ୍ ସହଯୋଗ ରେ ଏକ ଠିକାଦାର ଓ ରାଜମିସ୍ତ୍ରୀ କର୍ମ ଶାଳା ହୋଟେଲ ଗୋଦାବରୀ ପରିସରରେ ମଙ୍ଗଳବାର ସନ୍ଧ୍ୟା ରେ ଅନୁଷ୍ଠିତ ହୋଇ ଯାଇଛି । ରାଜ କିଶୋର ସାହୁ ଓ ଦୁର୍ଗା ଶଙ୍କର ସାହୁ ଏହାକୁ ପରିଚାଳନା କରିଥିଲେ । ଅଲଟ୍ରାଟେକ୍ ର ବୈଷୟିକ ପରିଚାଳକ ମିଳନ ଜେନା ବିକ୍ରୟ ଅଧିକାରୀ ଆଲୋକ ମିତ୍ର ଓ ବୈଷୟିକ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ରେ ଯୋଗଦେଇ ଅଲଟ୍ରାଟେକ୍ ସିମେଣ୍ଟ ର ଗୁଣବତ୍ତା ସହ ଏହାର ଅନ୍ୟ ଉତ୍ପାଦ ,ହାଇ ଫ୍ଲେକ୍ସ ,ଟପ୍ ସିଲ୍ଡ , ବିଟୁ ପ୍ରୋ, ଟାଇଲି ଆଧେଶିଭ ଇତ୍ୟାଦି ଉପରେ ସୁବିସ୍ତୃତ ସୂଚନା ଦେଇଥିଲେ ।କାର୍ଯ୍ୟକ୍ରମ ରେ ପାଖା ପାଖି ୫୦ ଜଣ ରାଜ ମିସ୍ତ୍ରୀ ଓ ଠିକାଦାର ଯୋଗ ଦେଇଥିଲେ ।

## ଢେଙ୍କିକୋଟ ଶ୍ରୀରାମ ମନ୍ଦିର ଭିତ୍ତି ପ୍ରସ୍ତର ସ୍ଥାପନ ଆଜି

ପାଟଣା : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ଢେଙ୍କିକୋଟ ଠାରେ ପ୍ରତିଷ୍ଠିତ ହନୁମାନ ବାଟିକା ପୂଜା ମଣ୍ଡପ ପରିସର ଅଞ୍ଚଳରେ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଲାଗି ଏକ ଭବ୍ୟ ଓ ଦିବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବ । ଏଥିପାଇଁ ୨୬ ତାରିଖ ଗୁରୁବାର ଦିନ ଭୂମିପୂଜା ଓ ଶୁଭ ଭିତ୍ତିପ୍ରସ୍ତର ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ସ୍ଥାନୀୟ ଶ୍ରୀରାମ ନବମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ମହାର୍ଘ୍ୟ ଉତ୍ସବ କାର୍ଯ୍ୟକ୍ରମରେ ପୁରୀ ରୁ ପଣ୍ଡିତ ମାନେ ଯୋଗ ଦେଇ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଲାଗି ଭୂମିପୂଜା ଓ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ଏଥିଲାଗି ଦିବସ ବ୍ୟାପୀ ଅଖଣ୍ଡ ଶ୍ରୀରାମ ନାମଜପ ସଂକୀର୍ତ୍ତନ ସହ ସନ୍ଧ୍ୟାରେ ଏକ ବିଶେଷ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଥିବାରୁ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଯୋଗ ଦେବାକୁ ନିବେଦନ କରାଯାଇଛି ।

## ବୃଦ୍ଧାଙ୍କ ଉପରେ ଚଢ଼ିଗଲା ଅଜଣା ଗାଡି

ପାଟଣା :ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରି ନିକଟ ରେ ୪୯ ନଂ ଜାତୀୟ ରାଜପଥ ରେ ଗତ ବିଳମ୍ବିତ ସନ୍ଧ୍ୟା ରେ ଜଣେ ବୃଦ୍ଧା ଙ୍କ ଉପରେ ଅଜଣା ଗାଡି ଚଢ଼ିଯିବାରୁ ତାଙ୍କ ର ମୃତ୍ୟୁ ଘଟିଛି ।ମୃତା ମହିଳା ଜଣଙ୍କ ବାରିଆ ଥାନା ଭୋଦପଶି ଗ୍ରାମ ର କୁଆଁରୀ ନାଏକ(୬୩)ବୋଲି ଜଣାପଡିଛି ।ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ଥିଲା । ପଥକ ର ଫାଟକ ରୋଗୀଯାନ ରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ତୁରୁମୁଙ୍ଗା ଥାନା ଦୁର୍ଘଟଣା ମାମଲା ୪୧/୨୦୨୬ ମୂଳେ ଏ ଏସ ଆଇ ଦେବେନ୍ଦ୍ର ମୁର୍ମୁ ଆଜି କେନ୍ଦୁଝର ରେ ମୃତା ମହିଳା ଙ୍କ ର ଶବ ବ୍ୟବଚ୍ଛେଦ କରାଇଛନ୍ତି ।

## ରାସ୍ତା ପ୍ରଶସ୍ତୀ କରଣ ପାଇଁ କଟାଯାଉଛି ଶତାଧିକ ଗଛ



ନବରଙ୍ଗପୁର : ଡାବୁଗାଁ ଉମରକୋଟ ୩୯ ନଂ ରାଜ୍ୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି । ଏଥିପାଇଁ ରାସ୍ତାକଡରେ ଥିବା ବହୁ ପୁରାତନ ତଥା ମୂଲ୍ୟବାନ ଗଛ ଗୁଡିକ କଟା ଚାଲିଛି । ଗଛକଟା ଯୋଗୁଁ ୩୯ ନଂ ରାଜ୍ୟ ରାଜପଥ ଏବେ ବୃକ୍ଷଶୂନ୍ୟ ହୋଇପଡିଛି । ଗଛ କଟିବା ପରେ ରାଜପଥ ଲଣ୍ଡା ଦେଖାଯାଉଛି । କେଉଁ ସ୍ଥାନ କେଉଁଠି ତାହା ପଥଚାରୀ ଜାଣିପାରୁନାହାନ୍ତି । ଶୀତଋତୁ ଥିବାରୁ ରାଜପଥରେ ଗଛର ଅଭାବ ଅନୁଭୂତ ହେଉନାହିଁ । ହେଲେ ବର୍ତମାନ ଗ୍ରୀଷ୍ମଦିନରେ ପଥାଚାରୀ ଛାୟା ନ ପାଇ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ଆଶଙ୍କା ନିଶ୍ଚିତ ବଢ଼ିବ ବୋଲି ଏବେଠାରୁ ଲୋକେ ଆଲୋଚନା କଲେଣି । କ୍ଳାନ୍ତ ଅନୁଭବ କଲେ ଯାତ୍ରୀମାନେ ଗଛଛାଇରେ ବିଶ୍ରାମ ନେଉଥିଲେ । ଏବେ ଜନସଂଖ୍ୟା ତାଳଦେଇ ଯାନବାହାନ ବୃଦ୍ଧି ପାଇଛି । ପ୍ରଶସ୍ତୀକରଣ ପରେ ରାସ୍ତା ପାର୍ଶ୍ୱ ଗଛ କଟିଛି ଫଳରେ ଗଛଗୁଡିକରେ ଆଶ୍ରୟ ନେଇଥିବା ପକ୍ଷୀମାନେ ବାସହରା ହୋଇ ପଡିଛନ୍ତି ।ସ୍ଥାନୀୟ ବନବିଭାଗ ର ଜଣେ କର୍ମଚାରୀ ଙ୍କୁ ଯୋଗାଯୋଗ କରିବାରୁ ଜଣା ପଡିଲା କଟିଥିବା ଗଛର ଗଣ୍ଡି ସବୁ ଓଡିଶା ବନ ଉନ୍ନୟନ ନିଗମକୁ ଯାଇଛି । ନିଗମ ପକ୍ଷରୁ ଗଣ୍ଡି ସବୁ ନିଲାମ କରି ବିକ୍ରି କରାଯାଇଥାଏ । ଯଦି ଏହି ପଇସାରେ ଖାସ କରି ଡାବୁଗାଁ ଅଞ୍ଚଳରେ ପୁନଃ ବଣିକରଣ କରାଯାଏ ତେବେ କିଛି ମାତ୍ରାରେ ପରିବେଶ ସୁସ୍ଥ ରହିପାରନ୍ତ ବଳି ଆଶାକରା ଯାଉଛି ।

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



ବାଲିଗୁଡା : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘ ର ଏକ ଜରୁରୀ କାଳୀନ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ପ୍ରଥମେ ସଂଘ ର ବାର୍ଷିକ ବିବରଣୀ ପଠନ ସହ ଆୟବ୍ୟୟ ର ସମୀକ୍ଷା କରାଯାଇ ଉପସ୍ଥାପନ କରାଯାଇଥିଲା । ସଂଘର କାର୍ଯ୍ୟକର୍ତ୍ତା ଙ୍କ ନିଷ୍ପତ୍ତି ପ୍ରକାରେ ସଂଘ କୁ ପୁନର୍ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ସାବତ ପ୍ରଧାନ, ଉପସଭାପତି ଭାବେ ଶ୍ରୀମତୀ ରଶ୍ମିତା ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଭାବେ ଜୟ ପ୍ରକାଶ ପ୍ରଧାନ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ବେହେରା, ଉପ ସମ୍ପାଦକ ଭାବେ କଳା ଶ୍ରୀମୁଖ ପୂଜାରୀ, ସାଙ୍ଗଠନିକ ସମ୍ପାଦକ ଭାବେ ରବିନ୍ଦ୍ର ପାଣିଗ୍ରାହୀ, ଏବଂ ଉପଦେଷ୍ଟା ମଣ୍ଡଳୀରେ ସୁରେଶ ଚନ୍ଦ୍ର ଦାସ, ପଦ୍ମ ଚରଣ ତ୍ରିପାଠୀ, ସନାତନ ପରିଛା, ରାଜୁ ଦିଗାଳ ଙ୍କ ସମେତ ପ୍ରତ୍ୟେକ କ୍ଳଷ୍ଟର ର ଆଞ୍ଚଳିକ ସାଧନ କର୍ମୀ ମାନଙ୍କୁ ନିଜ ନିଜର କ୍ଳଷ୍ଟର ର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି । ଶେଷରେ ଯୁଗ୍ମ ସଂଯୋଜକ ଉତ୍କଳ କେଶରୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ମା ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ କନ୍ଧମାଳ ଫାଇନାଲ କୁ ପ୍ରବେଶ



ଆଠମଲ୍ଲିକ :ଆଠମଲ୍ଲିକ ୟୁଥ ଆନୁକୂଲ୍ୟରେ ଅନୁଷ୍ଠିତ ମା ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ର ପ୍ରଥମ ସେମିଫାଇନାଲ ମ୍ୟାଚ ଫୁଲବାଣୀ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କନ୍ଧମାଳ ୨-୧ ଗୋଲ ରେ ବିଜୟୀ ହୋଇ ଫାଇନାଲ କୁ ପ୍ରବେଶ କରିଛି । ମ୍ୟାଚ ରେ ମୁଖ୍ୟ ରେଫରି ଭାବରେ ସାଗର ବେହେରା ଲାଇନ୍ସ ମ୍ୟାନ ଭାବେ ଶଶିକାନ୍ତ ଦାଶିଆ, ସଲିଲ ବେହେରା ମ୍ୟାଚ କୁ ପରିଚାଳନା କରିଥିଲେ । ଆଜି ମ୍ୟଚ ର ଅତିଥି ଭାବରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନ,ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ, କିଶୋର ନଗର ବ୍ଲକ କଂଗ୍ରେସ ସଭାପତି ଆଲୋକ କୁମାର ପ୍ରଧାନ ଉପସ୍ଥିତ ରହି ଉଭୟ ଦଳ ର ଖେଳାଳି ମାନଙ୍କ ସହିତ କରମର୍ଦ୍ଦନକରି ଉତ୍ସାହିତ କରିଥିଲେ । ଆଠମଲ୍ଲିକ ୟୁଥ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନା ରେ ସହଯୋଗ କରିଥିଲେ । ଗୁରୁବାର ଭୁବନେଶ୍ୱର ଏବଂ ସୁନ୍ଦରଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ଧୂମଧାମରେ ପାଳନ ହେଲା ସାନ୍ତାଳୀ ସଂପ୍ରଦାୟର ବାହା ପର୍ବ



ମୟୂରଭଞ୍ଜ : ସାନ୍ତାଳୀ ସଂପ୍ରଦାୟର ସବୁଠାରୁ ବଡ ଓ ନିଆରା ପର୍ବ ବାହା ପର୍ବ । ଗ୍ରାମବାସୀଙ୍କ ସୁଖ ସମୃଦ୍ଧି ପାଇଁ ନିଆରା ଭାବରେ ପାଳନ କରାଯାଇଥାଏ ବାହା ପର୍ବ । ଫଗୁଣ ମାସରେ ଚନ୍ଦ୍ର ଦର୍ଶନର ପଞ୍ଚମ ତିଥିରୁ ଆରମ୍ଭ ହୋଇଥାଏ ଏହି ବାହା ପର୍ବ ।ପାରମ୍ପାରିକ ମାଦଳର ତାଳେ ତାଳେ ଓ ପାରମ୍ପରିକ ବେଶ ପୋଷାକ ପରିଧାନ କରି ମହିଳା , ପୁରୁଷଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଖୁସିରେ ମସଗୁଲ । ସାନ୍ତାଳୀ ସଂପ୍ରଦାୟର ସବୁଠାରୁ ବଡ ପର୍ବ ବାହା ପର୍ବ । ଗ୍ରାମବାସୀଙ୍କ ସୁଖ ସମୃଦ୍ଧି ପାଇଁ ନିଆରା ଭାବରେ ପାଳନ କରାଯାଇଥାଏ ବାହା ପର୍ବ । ଫଗୁଣ ମାସରେ ଚନ୍ଦ୍ର ଦର୍ଶନର ପଞ୍ଚମ ତିଥିରୁ ଆରମ୍ଭ ହୋଇଥାଏ ଏହି ବାହା ପର୍ବ । ଏଥିରେ ଜଙ୍ଗଲର ନୂତନ ଶାଳ ଫୁଲ,ମହୁଲ ଫୁଲ ଜାହିରା ପୀଠରେ ଗ୍ରାମ ଠାକୁରାଣୀଙ୍କୁ ଅର୍ପଣ କରାଯାଇଥାଏ । ଗ୍ରାମର ଇଷ୍ଟ ଦେବୀଙ୍କୁ ଅର୍ପଣ ନକରିବା ପର୍ଯ୍ୟନ୍ତ ଜଙ୍ଗଲଜାତ ଦ୍ରବ୍ୟ ଗୁଡିକୁ ଖାଦ୍ୟରୂପେ ବ୍ୟବହାର କରାଯିବ ନାହିଁ ବୋଲି ଆଦିବାସୀ ସମାଜର ପାରମ୍ପାରିକ ନିୟମ ରହିଛି ।ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ମଧ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ବଡକୁଲେଇବିରା ଜାହିରା ପୀଠରେ ଧୂମଧାମ୍ ସହିତ ପାଳନ ହୋଇଛି ବାହା ପର୍ବ । ସମାଜର ରୀତିନୀତି ଅନୁସାରେ ନାଏକ ବାବା ବାବୁଲୁ ଟୁଡୁ ଓ ମାଝୀ ବାବା ଶାମ ଟୁଡୁ,ସାହ୍ଲାଇ ଟୁଡୁ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜା ସମ୍ପନ୍ନ ହୋଇଥିଲା । ପୂଜା ଅର୍ଚ୍ଚନା ପରେ ମହିଳା ଓ ପୁରୁଷମାନେ ପୁଜକଙ୍କ ଠାରୁ ଫୁଲ ଗ୍ରହଣ କରିଥିଲେ । ମହିଳାମାନେ ସେହି ଫୁଲକୁ ମୁଣ୍ଡ ରେ ଖୋସା ଲଗାଇ ଥିବାବେଳେ ପୁରୁଷ ମାନେ କାନରେ ଲଗାଇଥିଲେ ।ଜାହିରା ପୀଠରେ ରୋଷେଇ ହୋଇଥିବା ଖେଚୁଡି ପ୍ରସାଦକୁ ମହିଳା, ପୁରୁଷ ଓ ପିଲାମାନେ ଆନନ୍ଦରେ ଖାଇଥିଲେ । ପରେ ଆନନ୍ଦରେ ମାଦଳର ତାଳେ ତାଳେ ନାଚ ଗୀତରେ ମସଗୁଲ୍ ହୋଇଥିଲେ ସମସ୍ତ ଗ୍ରାମବାସୀ । ବାହାପର୍ବରେ ଶହ ଶହ ସାନ୍ତାଳୀ ସମ୍ପ୍ରଦାୟର ଲୋକଙ୍କୁ ଦେଖିବାକୁ ମିଳିଥିଲା ।ସ୍ଥାନୀୟ ସରପଞ୍ଚ ଆଝ ମୁର୍ମୁ,ପିଏସ୍ ମେମ୍ବର ମଧୁସୁଦନ ଟୁଡୁ,ଲିଟା ଟୁଡୁ ପ୍ରମୁଖ ବାହା ପର୍ବକୁ ସୁରୁଖୁରୁର ପରିଚାଳିତ କରିଥିଲେ ।

## କେନ୍ଦେଇ ପଶିରେ ହିନ୍ଦୁ ସମ୍ମିଳନୀ

ପାଟଣା : ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ ହିନ୍ଦୁ ସମ୍ମିଳନୀ ପାଟଣା ଖଣ୍ଡର କେନ୍ଦେଇପଶି ମଣ୍ଡଳରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ମଦନ ମୋହନ ଦ୍ୱିବେଦୀ, ମୁଖ୍ୟବକ୍ତା କେନ୍ଦୁଝର ନଗର କାର୍ଯ୍ୟବାହ ଦୟାନିଧି ମହାନ୍ତ, ସମ୍ମାନିତ ଅତିଥି ଭାବେ ପାଟଣା ଖଣ୍ଡ ସଙ୍ଘ ଚାଳକ କାଳୀଚରଣ ମହାନ୍ତ, ରାଜ୍ୟ କିସାନ ସଙ୍ଘ ସଂପାଦକ ପ୍ରଦୀପ କୁମାର ମହାନ୍ତ,ଲକ୍ଷ୍ମୀଧର ନାଏକ, ରତ୍ନାକର ନାଏକ, ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ତୁଳସୀ ପୂଜନ, କନ୍ୟା ପୂଜନ, ଗାୟତ୍ରୀ ଯଜ୍ଞ,ପୂଜକ ଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ଅଖିଳାନନ୍ଦ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୀବ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଆୟୋଜକ ସମିତି ସଭାପତି ମନୋରମା ପ୍ରଧାନ, ସମ୍ପାଦକ ବ୍ରହ୍ମାନନ୍ଦ ସାହୁ , କୋଷାଧ୍ୟକ୍ଷ ମିତ୍ରଭାନୁ ନାଏକ, ଜେମାମଣି ନାଏକ, ମାଳତୀ ବେହେରା, ସତ୍ୟାନନ୍ଦ ବେହେରା, ସସ୍ମିତା ବାରିକ୍, ହୃଦାନନ୍ଦ ମହାନ୍ତ, ଗୌରାଙ୍ଗ ଗାରଡିଆ, ରବିନ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ , କେନ୍ଦେଇପଶି ଓ ମରୁସୁଆଁ, ଚାକୁଣ୍ଡାପାଳ ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ନିଆଁ ରେ ପୋଡି ହୋଇ ମହିଳାଙ୍କ ମୃତ୍ୟୁ

ପାଟଣା : ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା ଅଞ୍ଚଳ ମାନପୁର ଗ୍ରାମରେ ରୋଷେଇ କରିବା ସମୟରେ ଚୁଲି ନିଆଁ ଶାଢୀରେ ଲାଗି ଜଣେ ମହିଳା ଗୁରୁତର ହୋଇ ଥିଲେ। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ରବିବାର ସକାଳୁ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ମାନପୁର ଗ୍ରାମର ଦଶରଥ ମହାକୁଡ଼ ସ୍ତ୍ରୀ ସଞ୍ଜୁଲତା ମହାକୁଡ଼(୪୫)। ସେ ଶନିବାର ସନ୍ଧ୍ୟାରେ ରୋଷେଇ କରିବା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଶାଢ଼ୀ ରେ ନିଆଁ ଲାଗି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କାରାଯାଇଥିଲା । ରବିବାର ତୁରୁମୁଙ୍ଗା ପୁଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ମର ଶରୀର ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୬/୨୦୨୬ ମୂଳେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ ଘଟଣାର ତଦନ୍ତ କରୁଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ପାଟଣା : ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଅଧକ୍ଷ ଭ୍ରମରବର ମଲ୍ଲିକ ଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜଣା ଶୁଣା ଲେଖିକା ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଇନ୍ଦୁମତି ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କବି ବିରଞ୍ଚି ସାମନ୍ତରାୟ ଉପସ୍ଥିତ ଥିଲେ। ସେମାନେ ନିଜ ଉଦବୋଧନ ରେ ମାତୃଭାଷା ଓଡ଼ିଆର ସୁରକ୍ଷା, ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପ୍ରବନ୍ଧ ଲିଖନ, କବିତା ପାଠ, ତର୍କ, କୁଇଜ୍ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା ଓ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଏହି ସଭାକୁ ଓଡ଼ିଆ ଶିକ୍ଷକ ଅମିତ କୁମାର ଦେହୁରୀ ସଂଯୋଜନା କରିଥିବା ବେଳେ ସଙ୍ଗୀତ ଶିକ୍ଷକ ମାରୁତି ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୋଟପାଡରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର

କୋରାପୁଟ :କୋଟପାଡ ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲା ସ୍ତରିୟ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର , ଜୟପୁର ଉପ ଜିଲ୍ଲାପାଳ ଆକବରମ ସସ୍ୟା ରେଡ୍ଡୀ ପ୍ରମୁଖଙ୍କ ଉପସ୍ଥିତିରେ ସମୁଦାୟ ୩୪ ଗୋଟି ଅଭିଯୋଗ ଶୁଣାଣୀ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବେ ୧୭ ଟି ଲେଖାଏଁ ଅଭିଯୋଗ ରହିଥିଲା। ଏହାକୁ ନେଇ ଜ୍ଲିଲ୍ଲାପାଳ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅଭିଯୋଗ ଶୁଣାଣି ଶିବିରକୁ କୋଟପାଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ ସମେତ ବ୍ଲକ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିଯୋଗ ଶୁଣାଣୀ ପରେ ଏସ.ବି.ନୂଆଗାଁର ଡଙ୍ଗରୀଗୁଡା ହସ୍ତତନ୍ତ ବୟନିକା କେନ୍ଦ୍ର ଗସ୍ତ କରି ମାଁ ତାରା ତାରିଣୀ ମହିଳା ଗୋଷ୍ଠୀର ମହିଳା ମାନଙ୍କ ସହ ଆଲୋଚନା କରିଥିଲେ ଜ୍ଲିଲ୍ଲାପାଳ।

# ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ

ସମ୍ବଲପୁର :ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଅନ୍ତର୍ଜାମୀ ପାଣିଙ୍କ ସଭାପତିତ୍ୱରେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘ ଉପ ସଭାପତି ସଦାନନ୍ଦ ସାନବର୍ଷା ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଜମନକିରା ବିଡ଼ିଓ ଶ୍ରୀ ରବୀନ୍ଦ୍ର ସେଠି, ମୁକ୍ତେଶ୍ୱର ମନ୍ଦିର ପରିଚାଳନା ସଭାପତି ତଥା ଟ୍ରଷ୍ଟି ପି.କେ କନ୍ନାପନ, ବରିଷ୍ଠ ନାଗରିକ ସମ୍ବଲପୁର ଜିଲ୍ଲା ଉପ ସଭାପତି ଧୀରେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ସମ୍ବଲପୁର ଜିଲ୍ଲା ଉପ ସଭାପତି ଯୁଗ ବିହାରୀ ପରିଡା, ବରିଷ୍ଠ ନାଗରିକ ଉପଦେଷ୍ଟା ତଥା ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯୋଧନ ଗର୍ଡିଆ, ସମ୍ବଲପୁର ଜିଲ୍ଲା ସଂଗଠନ ସହ ସମ୍ପାଦକ ସାଲେଗ୍ରାମ ପ୍ରଧାନ, ସମ୍ବଲପୁର ଜିଲ୍ଲା ସଦସ୍ୟ ପଦ୍ମନାଭ ବେହେରା, କୁଚିଣ୍ଡା ସଂଘ ସଭ୍ୟ ପ୍ରମୋଦ ପଟେଲ, ଜମନକିରା ବ୍ଲକ ସଭାପତି ଗୋକୁଳା ନନ୍ଦ ଦାନୀ ପ୍ରମୁଖ ଉପସ୍ଥିତ ରହି ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଅତିଥି ଗଣ ମା ସମଲେଇ ଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ କରି ଭଗବାନ ଶିବଙ୍କ ଦର୍ଶନ କରି ଦୀପ ପ୍ରଜ୍ୟଳନକରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠିତ ବୈଠକରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ପଞ୍ଚାୟତରୁ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୦୦ ବର୍ଷରୁ ଉର୍ଦ୍ଧ ବର୍ଷ ହୋଇଥିବା ବରିଷ୍ଠ ନାଗରିକ ଲଙ୍ଗାବାହାଲ ଗ୍ରାମର ଭିକାରି ଚରଣ ଚୌଧୁରୀ (୧୦୨)ଏବଂ ଇନ୍ଦ୍ରମଣି ନାୟକଙ୍କ (୧୦୩) ପ୍ରତିନିଧି ଭାବେ ଜଗନ୍ନାଥ ନାୟକଙ୍କୁ ଫୁଲମାଳା ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜମନକିରା



ବିଡ଼ିଓ ବୈଠକ ରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ଏବଂ ସେବା ସମ୍ବନ୍ଧରେ ଜଣାଇଥିଲେ। ପ୍ରଶାସନିକ ୧୦୦ ବର୍ଷ ରୁ ଉର୍ଦ୍ଧ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ସମ୍ମାନିତ କରିବା ସହିତ ବରିଷ୍ଠ ନାଗରିକଙ୍କ ଏକ ତାଲିକା ପ୍ରସ୍ତୁତ ପାଇଁ ଜିଲ୍ଲା ସଭାପତି ପ୍ରସ୍ତାବ ଦେଇଥିଲେ। ପ୍ରତେକ ପଞ୍ଚାୟତରେ ବରିଷ୍ଠ ନାଗରିକ ସଂଘର ଏକ ଗୃହ ନିର୍ମାଣ ସହିତ ଜମନକିରା ଠାରେ ଅଧାପନ୍ତିଆ ଭାବେ ଥିବା ସଂଘ ଗୃହ ନିର୍ମାଣ ପାଇଁ ଜମନକିରା ସଭାପତି ଗୋକୁଳାନନ୍ଦ ଦାନୀ ଦାବି କରିବା ସହିତ ଏହି ପ୍ରସ୍ତାବ ଗୃହୀତ କରାଯାଉ ବୋଲି କହିଥିଲେ। ଜମନକିରା ଷ୍ଟେଟ ବ୍ୟାଙ୍କ ରେ ବାରମ୍ବାର ପ୍ରସ୍ତାବ ଦିଆଯିବା ପରେ ମଧ୍ୟ ବରିଷ୍ଠ ନାଗରିକଙ୍କୁ ଅସମ୍ମାନ ସହିତ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ ଏଣୁକରି ବିଭିନ୍ନ ବ୍ୟାଙ୍କ ରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ତାଙ୍କୁ ସଠିକ ସମ୍ମାନ ଦିଆଯାଉ ବୋଲି ଆଇନ ଯିବି ସରୋଜ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ସେହିପରି ବିଭିନ୍ନ କାର୍ଯ୍ୟକ୍ରମ ତଥା ସରକାରୀ ଏବଂ ବେ ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କୁ ଅସମ୍ମାନ ଦେଉଥିବା ରୁ ତାକୁ ଠିକ କରାଯାଉ ବୋଲି ପ୍ରସ୍ତାବିତ ହୋଇଛି। ସେହିପରି ସଂଗଠନ କୁ ମଜବୁତ ସହିତ ଅତିପ୍ରତି ଧ୍ୟାନ ଦେଇ ଆଗାମୀ ଦିନରେ ନିତି ଗତ ଭାବେ ବୈଠକ ଅନୁଷ୍ଠିତ କରାଯାଉ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ଶେଷରେ ସମ୍ବଲପୁର ଜିଲ୍ଲା ଉପ ସଭାପତି ଯୁଗ ବିହାରୀ ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗୁଡୁତାରେ ସାନ୍ତାଳ ସମାଜର ସାଲଏ (ବାହା ପାରାବ)ପୂଜା



ମୟୂରଭଞ୍ଜ : ଜାମଦା ବ୍ଲକ ବଡ଼କୁଲେଇବିରା ପଞ୍ଚାୟତ ଗୁଡୁତା ଗ୍ରାଁରେ ସାନ୍ତାଳ ସମାଜର ପାରମ୍ପାରିକ ସାଲଏ ପୂଜା ବା ବାହା ପାର୍ବ ( ଫୁଲ ପୂଜା) ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ନାୟେକେ ବାବା(ପୂଜାରୀ) ଘାସିନାଥ ମାର୍ଣ୍ଡି ପୂଜା କାର୍ଯ୍ୟକ୍ରମ କରିଥିଲେ। ପ୍ରଥମେ ନାଏକ ବାବା ତାଙ୍କ ଘରୁ ଦାଉଳା ମୁଣ୍ଡାଇ ଏବଂ ସାନ୍ତାଳ ପରିବାରର ଉଭୟ ମହିଳା ପୁରୁଷ ଗ୍ରାମର ଆଖଡ଼ାଶାଳାରୁ ନାଗରା,ଢାକ ବାଦ୍ୟ,ଚଳଚୁଳି,ମାଦଳ ବାଦ୍ୟ ବଜାଇ ଓ ନାଚଗୀତ କରି ଜାହିରାକୁ ଯାଇଥିଲେ ।ସେଠାରେ ମାରାଂବୁରୁ,ଜାହେରଆୟଙ୍କୁ ପୂଜାର୍ଚ୍ଚନା କରି ଭୋଗ ସେବନ କରିଥିଲେ ।ସୂଚନା ଯୋଗ୍ୟ ଯେ ସମାଜର ରୀତିନୀତି ଅନୁଯାୟୀ ଗ୍ରାମଦେବୀଙ୍କୁ ମହୁଲ ଓ ଶାଳ ଫୁଲ ଅର୍ପଣ କରାଯିବା ପରେ ଫୁଲ ଓ ଫଳକୁ ଭୋଗ ଭାବେ ଗ୍ରହଣ କରିଥିଲେ। ଗୁଡୁତା ଗାଁ ର ସୁଫଲ ମାର୍ଣ୍ଡି-(ଆତୁମ ମାଝୀ),ସୁନ୍ଦର ମାର୍ଣ୍ଡି,ଡାକୁଆ ମାଝୀ,ମଧୁ ହେମ୍ବ୍ରମ,ସାଲଖାନ ହେମ୍ବ୍ରମ,ସୁଗଦା ବାବୁ,ଶ୍ୟାମଚରଣ ମାର୍ଣ୍ଡି ପ୍ରମୁଖ ବରିଷ୍ଠ ନାଗରିକମାନେ ଏହି ବାହା ପାରାବ ର ପରମ୍ପରାକୁ ନୀତିନିୟମାନୁସାରେ ପରିଚାଳିତ କରିଥିଲେ ।

## ଫାଇନାନ୍ସ କମ୍ପାନୀର ଦବଙ୍ଗଗିରୀ

### କିସ୍ତି ପଇସା ନଦେବାରୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ



ବାଲିଗୁଡା : ଫ୍ୟୁଜନ ଫାଇନନ୍ସ କମ୍ପାନୀ ଶାଖା ପରିଚାଳକ ଙ୍କ ଦବଙ୍ଗଗିରି, ଲୋନ୍ କିସ୍ତି ନ ଦେବାରୁ ଉତକ୍ଷୀପ୍ତ ହୋଇ ମହିଳା ଙ୍କ ସ୍ୱାମୀ ଙ୍କୁ କାଠ ଫାଳିଆ ରେ ମରଣାନ୍ତକ ଆକ୍ରମଣ କଲେ ଫ୍ୟୁଜନ୍ କମ୍ପାନୀ ର ଶାଖା ପରିଚାଳକ ଦିୱାନା ପ୍ରଧାନ, ସୂଚନା ଅନୁଯାୟୀ ଶନିବାର ରାତିରେ ବାଲିଗୁଡା ଥାନା ଅନ୍ତର୍ଗତ ବୁଡୁରୁକିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଦିନାଟ ଗାଁ ର ନିରଜିନି ମଲ୍ଲିକ ଫ୍ୟୁଜନ କମ୍ପାନୀ ରୁ ଲୋନ ଆଣିଥିଲେ, ପଇସା ପତ୍ର ଅସୁବିଧାରୁ ସେ ଲୋନ କିସ୍ତି ଦେଇପାରି ନ ଥିଲେ, ଶାଖା ପରିଚାଳକ ଦିୱାନା ପ୍ରଧାନ ନୀରଜିନି ମଲ୍ଲିକ ଙ୍କ ଘରକୁ ଆସି ଜୋର ଜବରଦସ୍ତ ଲୋନ କିସ୍ତି ମାଗିବା ସହିତ ମହିଳା ଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ମହିଳା ଙ୍କ ସ୍ୱାମୀ କସିରା ମଲ୍ଲିକ ଏହାକୁ ବିରୋଧ କରିବାରୁ ଉତକ୍ଷୀପ୍ତ ହୋଇ ଗାଁ ଦାଣ୍ଡରେ ପଡ଼ିଥିବା କାଠ ଫାଳିଆ ରେ ଆକ୍ରମଣ କରିବାରୁ କସିରା ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଗୁରୁତର ଭାବେ ଆହତ କସିରା ଙ୍କୁ ଉଦ୍ଧାର କରି ବାଲିଗୁଡା ଉପଖଣ୍ଡ ମେଡିକାଲ ରେ ଭର୍ତ୍ତି କରିବା ସହିତ ଶାଖା ପରିଚାଳକ ଙ୍କୁ ଅଟକ ରଖିଥିଲେ। ଖବର ପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାଖା ପରିଚାଳକଙ୍କୁ ଥାନା କୁ ନେଇ ପଚରା ଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏପଟେ ଗୁରୁତର ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଫୁଲବାଣୀ ମେଡିକାଲ୍ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି । ଅଭିଯୁକ୍ତ ଶାଖା ପରିଚାଳକଙ୍କ ବିରୋଧ ରେ କଡ଼ା କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସମିତି ସଭ୍ୟ ଦୟା ମଲ୍ଲିକ ଙ୍କ ସମେତ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

## ଢେଙ୍କିକୋଟ ବିକାଶ ମଞ୍ଚ ପୂର୍ନ ଗଠିତ

ପାଟଣା : ଢେଙ୍କିକୋଟ ବିକାଶ ମଞ୍ଚ ସର୍ବସମିତି କ୍ରମେ ପୂର୍ନ ଗଠନ କରାଯାଇଛି। ସଭାପତି ଭାବେ ଅଖିଳ କୁମାର ପାତ୍ର, କାର୍ଯକାରୀ ସଭାପତି ଭାବେ ରାମଚନ୍ଦ୍ର ସାହୁ, ଉପସଭାପତି ଭାବେ ଅନାଦି ଚରଣ ସିଂହ, ସମ୍ପାଦକ ଭାବେ ବିଜୟ କୁମାର ସାହୁ, ଯୁଗ୍ମ ସମ୍ପାଦକ ହବିବୁଲ ରହମାନ ଖାନ ଏବଂ କୋଷାଧକ୍ଷ ଭାବେ ଗୌରିଶଙ୍କର ମୁଦୁଡା ଏବଂ କାର୍ଯକାରୀ କମିଟି ସଦସ୍ୟ ଭାବେ ସର୍ବଶ୍ରୀ ଭାଗୀରଥି ପୃଷ୍ଟି, ଉତ୍ତମ କୁମାର ନାୟକ, ମହେଶ୍ୱର ସାହୁ, ଚିତ୍ତରଞ୍ଜନ ସାହୁ, ମକରଧ୍ୱଜ ସାହୁ, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ଏବଂ ଅଲେଖ ସିଂହ ମନୋନୀତ ହୋଇଥିବା ବେଳେ ପରାମର୍ଶ ଦାତା ଭାବେ ସ୍ୱଶ୍ରୀ କୁଳମଣୀ ମଣ୍ଡଳ, ଶଙ୍କର୍ଷଣ ସାହୁ ଏବଂ ପ୍ରଫୁଲ୍ଲ କୁମାର ସିଂହ ମନୋନୀତ ହୋଇଛନ୍ତି ।

## ଟ୍ରାକ୍ଟର କାର ମୁହାଁ ମୁହିଁ, ୪ ଆହତ



ପାଟଣା : ଆଜି ଅପରାହ୍ନ ୨ ଟା ସମୟରେ ୨୨୦ ନଂ ଜାତୀୟ ରାଜପଥର ଢେଙ୍କିକୋଟ ସନ୍ନିକଟ ଟିକିରା ଓଡିଶା ଆଦର୍ଶ ବିଦ୍ୟାଳୟ ସାମ୍ନା ରାସ୍ତାରେ ଏକ କାର ସହ ଟ୍ରାକ୍ଟର ର ମୁହାଁ ମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ କାରରେ ଥିବା ମୋଟ ୪ଜଣ ଆହତ ହୋଇଛନ୍ତି । ଘଟଣା ସ୍ଥଳରୁ ମାନଙ୍କୁ ଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠା ଯାଇଛି । ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଦୁର୍ଘଟଣାର ପ୍ରାଥମିକ ତଦନ୍ତ କରିଛନ୍ତି । କାର ରେ ଥିବା ଲୋକ ଘଟଗାଁରେ ତାରିଣୀ ଦର୍ଶନ ସାରି ଭିମକୁଣ୍ଡ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। କାର ରେ ସମ୍ବଲପୁର ର କାମିନୀ ପାତ୍ର (୬୬), ରାଉଲକେଲା ର ଜୟନ୍ତି ବେହେରା (୪୫), ପ୍ରଶାନ୍ତ ବେହେରା (୫୩), ପ୍ରାୟକ୍ତା ବେହେରା (୧୪) ବୋଲି ଜଣା ପଡିଛି।

## ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ




ବୁଗୁଡ଼ା : ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ବ୍ରହ୍ମପୁର ପକ୍ଷରୁ ବାଲିପଦର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଫେବୃୟାରୀ ୨୨ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମରେ ବାସୁଦେବ ନଗର, ଅରବିନ୍ଦ ନଗର ବ୍ରହ୍ମପୁର, ମନ୍ଦାର, ହାତୀଓଟ, ବଡଗଡ଼, ପୋଲସରା, ବାଲିପଦର, କିନିଆରୀ, ମଙ୍ଗଳପୁର, ଶାଙ୍କୁଡ଼ା, ଖଲିଙ୍ଗ୍, ଆଙ୍କୁଶପୁର ଓ ମାଣିତରା , ୧୩ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ଭାଗନେଇ ଥିଲେ। ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ସଭାରେ କାହ୍ନୁ ଚରଣ ବାଡତ୍ୟା ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରିନ୍ସପାଲ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବଡଲୋକ ହେବାକୁ ନୁହଁ ଭଲ ମଣିଷ ହେବାପାଇଁ ଶିକ୍ଷା ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖରିଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷା ବିକାଶ ସଂସ୍ଥାନ ସଂଯୋଜକ ପ୍ରକାଶ ଚନ୍ଦ୍ର ବିଷୋୟୀ, ମୃତ୍ୟୁଞ୍ଜୟ ବିଷୋୟୀ, ଅଧିବକ୍ତା କୁମୁଦ ରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ନାୟକ, ପୁର୍ଣ୍ଣ ଚନ୍ଦ୍ର ନନ୍ଦ, ଶିବରାମ ସନ୍ତୋଷ ରା, ଗଙ୍ଗୋତ୍ରୀ ବେହେରା ଯୋଗଦେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସିଲ୍ଡ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ ବୃନ୍ଦ ନିଜନିଜ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଥିଲେ।

## ବାଲିଛାଇ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି



ପୋଲସରା :ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ୨୩/୦୨/୨୬ ତାରିଖ ଦିନ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ବୃନ୍ଦ ଯୋଗଦେଇଥିଲେ। ମୋଟ ୩୫ଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ସେଥି ମଧ୍ୟରୁ ଘର ପଟ୍ଟା ବଣ୍ଟନ କରାଯାକ ୧୪ ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପର୍ଶୁରାମ ପ୍ରଧାନ, ସମିତି ସଭ୍ଯ ବିଘ୍ନେଶ୍ୱର ବେହେରା, ଏବିଡିଓ ସୋନମ୍ ବେହେରା, ସିଡ଼ିପିଓ ତିଳୋତ୍ତମା ରାଉତ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଜନଶୁଣାଣୀ ଅଧିକାରୀଣୀ ଲିପ୍ସା ରାଣୀ ଭଞ୍ଜ କାର୍ଯ୍ୟକ୍ରମକୁ ପରିଚଳନା କରିଥିବା ବେଳେ ପଞ୍ଚାୟତ ପିଇଓ, ଏଡିଓ, ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# 'ଆମେ ପଢ଼ିବା ଆମ ଭାଷାରେ'

## ଉମରକୋଟ ଠାରେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା



ନବରଙ୍ଗପୁର : ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ' ଆମେ ପଢ଼ିବା ଆମ ଭାଷାରେ' ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳା କୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଡି ଏସ ଡବ୍ଲୁ ଓ ଦ୍ରପୌଦୀ କହଁର, ଡି ଆଇ ଇ ଟି ଅଧକ୍ଷ ଓଁକାର ପଟ୍ଟନାୟକ, ଡି ଆଇ ପି ଆର୍ ଓ ମନୋଜ ବେହେରା , ବି ଡି ଓ ମନୋଜ ମେହେର, ପିରା ମଲ୍ ଫାଉଣ୍ଡେସନ ଅଧିକାରୀ ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ,'ନୂଆ ଅରୁଣିମା' ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃରୂପାୟନ,ଅଙ୍ଗନବାଡି କର୍ମୀଙ୍କ ଏହି ଶିକ୍ଷାଦାନ ଉପରେ ତାଲିମ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।ନିଜ ଭାଷାରେ ଶିଶୁମାନେ ଖେଳ,କାହାଣୀ,ଗୀତ ଓ କଥୋପକଥନ ମାଧ୍ୟମରେ ଶିକ୍ଷା ର ପ୍ରଥମ ସୋପାନ ରେ ଅନ୍ତର୍ଭୁକ୍ତ ହେବେ। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ୩୦ ଟି ଅଙ୍ଗନବାଡି କେନ୍ଦ୍ର ରେ ସ୍ଥାନୀୟ ଗୋଣ୍ଡି ଭାଷାରେ ୩ ରୁ ୬ ବର୍ଷ ବୟସ ଶିଶୁମାନଙ୍କୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ପ୍ରକାଶ ଥାଉ କି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ' ଏମ ପଢ଼ିବା ଆମ ଭାଷାରେ' ଯୋଜନାକୁ ୬ ଟି ଜନଜାତି ଜିଲ୍ଲା ମାଲକାନଗିରି,ନବରଙ୍ଗପୁର,ରାୟଗଡ଼ା,ଗଜପତି,କନ୍ଧମାଳ ଓ କେଉଁଝର ରେ ୧୮୦ ଟି ଅଙ୍ଗନବାଡି କେନ୍ଦ୍ର ରେ କାର୍ଯ୍ୟକାରୀ କରାଯିବ।କାର୍ଯ୍ୟକ୍ରମରେ ରାଇଘର ବ୍ଲକ ରୁ ଅଙ୍ଗନବାଡି କର୍ମୀ, ବହୁଭାଷି ଶିକ୍ଷକ,ରାଇଘର ସରପଞ୍ଚ ଓ ଅଭିଭାବକ ,ବି ଇ ଓ,ରାଇଘର, ଏ ବି ଡି ଓ ରାଇଘର ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଗୋମାଂସ ନେଉଥିବା ବେଳେ ଟ୍ରକକୁ ଅଟକ ରଖିଲେ ଲୋକେ

ପାଟଣା :କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରୁ ରବିବାର ଅପରାହ୍ନରେ ଓଡି୦୯ ସି ୮୨୫୨ ନମ୍ବର ବିଶିଷ୍ଟ ଏକ ଟ୍ରକର ଚାଳକ ଗାଡ଼ିରେ ପଲିଥିନରେ ଗୋମାଂସ ନେଉଥିବା ସନ୍ଦେହ ରେ ସ୍ଥାନୀୟ ଲୋକେ ଟ୍ରକ କୁ ଅଟକ ରଖିବା ସହ ଚାଳକକୁ ଅଟକ ରଖି ପୁଲିସ କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଚାଳକ କୁ ଥାନା କୁ ଆଣି ଥିବା ବେଳେ ଟ୍ରକ କୁ ଅଟକ ରଖି ଘଟଣାର ତଦନ୍ତ କରିବା ସହ ପୁଲିସ ଉକ୍ତ ମାଂସ କୁ ଜବତ କରିଛି। ଏନେଇ ତୁରୁମୁଙ୍ଗା ଥାନା ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚାଳକ କୁ ନୋଟିସ ଦେଇ ପୁଲିସ ଛାଡି ଦେଇଥିବା ଜଣା ପଡିଛି। ଚାଳକ ଜଣକ ୧କିଲୋ ପାଖାପାଖି ଗୋମାଂସ ଖାଇବା ପାଇଁ ନେଉଥିବା ପୁଲିସ ଜାଣିବାକୁ ପାଇଛି ।

## ଶିବ ମନ୍ଦିରରେ ନୂତନ ଗୃହ ଉଦଘାଟିତ

ପାଟଣା : ଘଟଗାଁ ବ୍ଲକ ଅଞ୍ଚଳ ଢେଙ୍କିକୋଟ ସ୍ଥିତ ବିଶ୍ୱନାଥ ମହାଦେବ ମନ୍ଦିରର ନୂତନ ବିଶ୍ରାମ ଗୃହ ଆଜି ଉଦଘାଟିତ ହୋଇଛି । ପୂଜକ ବେଣୁଧର ଦାଶଙ୍କ ପୂଜା ଅର୍ଚ୍ଚନା ପରେ କର୍ତ୍ତା ରାମଚନ୍ଦ୍ର ସାହୁ, ସର୍ବଶ୍ରୀ ଆଶୁତୋଷ ମଣ୍ଡଳ, ମହେଶ୍ୱର ସାହୁ, ବିଜୟ ମଣ୍ଡଳ, ଗଣମାଧ୍ୟମ ପ୍ରତିନିଧି ନୃସିଂହ ନାଥ ସିଂହ, କବିନ୍ଦ୍ର ରାଉତ, ସଞ୍ଜୟ କୁମାର ସାହୁ, ଅଭିମନ୍ୟୁ ରାଉତ,ବେଣୁଧର ସାହୁ ଓ ପବିତ୍ର ମୋହନ ସିଂ ପ୍ରମୁଖଙ୍କ ଉପସ୍ଥିତିରେ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସହ ଧର୍ମିଣୀ ତଥା ଜିଲ୍ଲା ବିଜେପି କାର୍ଯକାରୀ କମିଟି ସଦସ୍ୟା ଲବଙ୍ଗଲତା ନାୟକ ଏହି ନବନିର୍ମିତ ବିଶ୍ରାମଗୃହ କୁ ଫିତା କାଟି ଉଦଘାଟନ କରିଥିଲେ । ସମସ୍ତ ଉଦଘାଟନ ପର୍ବର ଆୟୋଜନ ବରିଷ୍ଠ ପୂଜକ ଅଦ୍ୱୈତ୍ୟ ଶତପଥି ଙ୍କ ଦ୍ୱାରା ସମାହିତ ହୋଇଥିଲା।

## ଝିପିଝିପି ବର୍ଷା ଜାରି

ପାଟଣା : କେନ୍ଦୁଝର ଜିଲ୍ଲା ପାଟଣା, ସାହାରପଡା, ତୁରୁମୁଙ୍ଗା, ଢେଙ୍କିକୋଟ ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ସନ୍ଧ୍ୟାଠାରୁ ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି। ଫେବ୍ରୁଆରୀ ତୃତୀୟ ସପ୍ତାହ ପରେ ସାମାନ୍ୟ ଗରମ ଅନୁଭୂତ ହୋଇଥିବା ବେଳେ ଦୀର୍ଘ ସାଢ଼େ ୪ ମାସ ପରେ ଅଞ୍ଚଳରେ ବର୍ଷା ଦେଖିବା କୁ ମିଳିଛି। ପାଟଣା, ତୁରୁମୁଙ୍ଗା, ସାହାରପଡା ସହ ଏହାର ଆଖପାଖ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସାଙ୍ଗ କୁ ଝିପିଝିପି ବର୍ଷା ଲାଗି ରହିଛି।

## ବେକରେ ଭୁଜାଲି ଦେଖାଇ ୭୦ ଲକ୍ଷ ଟଙ୍କା ଓ ସୁନା ଲୁଟିନେଲେ ଦୁର୍ବୃତ୍ତ

ଉମରକୋଟ : ଭୁଜାଲି ଦେଖାଇ ଛଅ ଜଣ ଦୁର୍ବୃତ୍ତ ଘରୁ ଲୁଟିନେଲେ ୭୦ ଲକ୍ଷ ଟଙ୍କା,ସୁନା।ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋଟନିଆମ୍ବା ର ଅମୁଲ୍ୟ ଜେନା ଙ୍କ ଘରେ। ଗତ ତିନିମାସ ତଳେ ଜମି ବିକ୍ରି କରି ଘରେ ରଖିଥିଲେ ୭୦ ଲକ୍ଷ ଟଙ୍କା,ଘର ମାଲିକ ଅମୂଲ୍ୟ ଜେନା ଏକୁଟିଆ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଘର କବାଟ ତାଡି ୬ ଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ ଏବଂ ବେକରେ ଭୁଜାଲି ରଖି ଗାଳି ଗୁଲଜ କରି ହାତ ଗୋଡ଼ ବାନ୍ଧି ଗୋଡ଼ରେଜ ରୁ ୭୦ ଲକ୍ଷ ଟଙ୍କା ଓ ସୁନାମୁଦୀ ୧୪ ଟି ଓ ସୁନା ଲକେଟ ତିନୋଟି ଓ ମାଙ୍କ କାନ ଫୁଲ ଲୁଟି ନେଇଛନ୍ତି।ଟଙ୍କା ଲୁଟିନେବା ପରେ ଅମୂଲ୍ୟ ଙ୍କ ହାତ ଗୋଡ଼ ବାନ୍ଧି ଘରେ ଛାଡି ଦେଇ ପଳେଇ ଯାଇଥିଲେ ବହୁ କଷ୍ଟରେ ମୁକୁଳି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ ପରେ ପୋଲିସ କୁ ଖବର ଦେଇଥିଲେ! ସକାଳୁ ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଥିଲା! ଅନ୍ୟପଟେ ନବରଙ୍ଗପୁର ରୁ ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ଆସି ତଦନ୍ତ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଖରସ୍ରୋତା
ସୁପରଫାଷ୍ଟ

ମାର୍ଚ୍ଚ, ୨୦୨୬
MARCH-2026

## ୧ ନମ୍ବର ମାର୍କେଟ୍ ?...ସୁପରମାର୍ଟ...ତୋଷାଳୀ ଭବନ..

# ନିଆଁ କେମିତି ଲାଗୁଛି ?

**ଭୁବନେଶ୍ୱର, :** ରାଜଧାନୀ ଭୁବନେଶ୍ୱରକୁ ନିଆଁ ଭୟ । ଗତ କିଛି ଦିନ ମଧ୍ୟରେ ଭୁବନେଶ୍ୱରରେ ଏକାଧିକ ବଡ଼ ଅଗ୍ନିକାଣ୍ଡ ଘଟିଛି । ଯାହା ଅଗ୍ନିଶମ ବିଭାଗର ମୁଣ୍ଡ ବିନ୍ଧା କରିବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ପାଉଁଶ ହୋଇଛି । କିଛି ଦିନ ତଳେ ସହରର ହୃଦୟସ୍ପନ୍ଦନ ୧ ନମ୍ବର ମାର୍କେଟରେ ନିଆଁ ଲାଗି ବ୍ୟବସାୟୀଙ୍କ ବେଉସା ବୁଡ଼ାଇଥିବା ବେଳେ ୨ ଦିନ ତଳେ ଲିଙ୍ଗିପୁରର ସୁପରମାର୍ଟର ନିଆଁ ସମସ୍ତଙ୍କୁ ଦୋହଲାଇ ଦେଇଥିଲା । ପାଖାପାଖି ୨୦ ଘଟଣାର କସରତ ପରେ ଆୟତ୍ତକୁ ଆସିଥିଲା ନିଆଁ । ଏହି ଘଟଣାର ଭୟାବହତା ମନରୁ ନ ଲିଭୁଣୁ ଆଜି ସରକାରୀ କାର୍ଯ୍ୟାଳୟ ତୋଷାଳୀ ଭବନରେ ନିଆଁ ଲାଗିଛି । ଅଗ୍ନିକାଣ୍ଡରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଥିବା ବେଳେ ସାରା ସହରରେ ଆତଙ୍କ ଖେଳିଯାଇଛି । ଜାନୁଆରି ୨୦ ତାରିଖ ରାତିରେ ରାଜଧାନୀ ଛାତି ଉପରେ ଭୟାବହ ଅଗ୍ନିକାଣ୍ଡ । ପାଉଁଶ ହୋଇଯାଇଥିଲା ଏକ ନମ୍ବର ମାର୍କେଟ୍‌ର ୫୦ ଦୋକାନ । କେହି କିଛି ବୁଝିବା ପୂର୍ବରୁ ଗୋଟିଏ ଦୋକାନରୁ ଆଉ ଗୋଟିଏ ଦୋକାନକୁ ବ୍ୟାପିଥିଲା । ନିଆଁ ଆଁରେ ପାଉଁଶ ହୋଇଯାଇଥିଲା କୋଟି କୋଟି ଟଙ୍କାର ଜିନିଷ । ଫେବ୍ରୁଆରି ୨୩ରେ ଲିଙ୍ଗିପୁର ସୁପରମାର୍ଟରେ ଅଗ୍ନିକାଣ୍ଡ । ଦୀର୍ଘ ୨୨ ଘଣ୍ଟାର କସରତ ପରେ ଆୟତ୍ତକୁ ଆସିଥିଲା ନିଆଁ । ସର୍ଟସର୍କିଟରୁ ହୋଇଥିବା ଅଗ୍ନିକାଣ୍ଡରେ ମାର୍ଟର ସମସ୍ତ ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିଲା । ଆଜି ସତ୍ୟନଗରରେ ଥିବା 'ତୋଷାଳୀ ଭବନ'ରେ ନିଆଁ ଲାଗିଥିଲା । ବିଦ୍ୟୁତ୍ ସର୍ଟସର୍କିଟରୁ ଲୋକାୟୁକ୍ତ ଅଫିସରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି ।ପୋଡ଼ି ପାଉଁଶ ହୋଇଯାଇଛି ସମସ୍ତ କାଗଜ ପତ୍ର । ଜାନୁଆରି ୨୦ ତାରିଖ ରାତିରେ ରାଜଧାନୀ ଛାତି ଉପରେ ହୋଇଥିଲା ଭୟାବହ ଅଗ୍ନିକାଣ୍ଡ । କେହି କିଛି ବୁଝିବା ପୂର୍ବରୁ ପାଉଁଶ ହୋଇଯାଇଥିଲା ଏକ ନମ୍ବର ମାର୍କେଟ୍‌ର ୫୦ ଦୋକାନ । ଗୋଟିଏ ଦୋକାନରୁ ଆଉ ଗୋଟିଏ ଦୋକାନକୁ ବ୍ୟାପୀ ବ୍ୟାପୀ ପାଖାପାଖି ମାର୍କେଟର ସବୁ ଦୋକାନକୁ ଜଳାଇଦେଇଥିଲା । ନିଆଁ ଆଁରେ ପାଉଁଶ ହୋଇଯାଇଥିଲା କୋଟି କୋଟି ଟଙ୍କାର ଜିନିଷ । ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀ ବି ନାକେଦମ୍ ହୋଇଥିଲେ । ଅଗ୍ନିକାଣ୍ଡ ପରେ ସ୍ଥିତି ଅନୁଧ୍ୟାନ କରିଥିଲେ ମେୟର ଓ କମିସନର । ସେହିପରି ଫେବ୍ରୁଆରି ୨୩ରେ ଲିଙ୍ଗିପୁର ସୁପରମାର୍ଟରେ ଭୟାବହ ଅଗ୍ନିକାଣ୍ଡ ହୋଇଥିଲା । ଦୀର୍ଘ ୨୨ ଘଣ୍ଟାର କସରତ ପରେ ଆୟତ୍ତକୁ ଆସିଥିଲା ନିଆଁ । ସର୍ଟସର୍କିଟରୁ ହୋଇଥିବା ଅଗ୍ନିକାଣ୍ଡରେ ମାର୍ଟର ସମସ୍ତ ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିଲା । ଆଉ ଶେଷରେ ଆଜି ସତ୍ୟନଗରରେ ଥିବା ସରକାରୀ କାର୍ଯ୍ୟାଳୟ 'ତୋଷାଳୀ ଭବନ'ରେ ନିଆଁ ଲାଗିଛି । ବିଦ୍ୟୁତ୍ ସର୍ଟସର୍କିଟରୁ ଲୋକାୟୁକ୍ତ ଅଫିସରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବା ବେଳେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନି । ଏହି ନିଆଁ ଆଁରେ ପୋଡ଼ି ପାଉଁଶ ହୋଇଯାଇଛି ସମସ୍ତ କାଗଜ ପତ୍ର ।



# ଆଗେଇପାରୁନି ପଟିଆ ଓ କଳାରାହାଙ୍ଗ ଆରଓବି

**ଭୁବନେଶ୍ୱର , :** ବର୍ଷ ପରେ ବର୍ଷ ଗଡ଼ୁଛି । ଅଧିକାରୀମାନେ ବଦଳୁଛନ୍ତି । ହେଲେ ବଦଳିପାରିନି ପଟିଆ ଓ କଳାରାହାଙ୍ଗ ରେଳ ଓଭରବ୍ରିଜ୍(ଆରଓବି) ଭାଗ୍ୟ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଭିତ୍ତିପ୍ରସ୍ତର ପଡ଼ିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାମ ଆଗେଇପାରି ନାହିଁ । ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଆରଓବି ଭବିଷ୍ୟତ ଝୁଲି ରହିଛି । ଫଳରେ ଦୈନିକ ୪୦ ହଜାରରୁ ଅଧିକ ଲୋକଙ୍କ ଜୀବନ ବାଜିରେ ଲାଗୁଛି । ବିପଦସଙ୍କୁଳ ଭାବେ ରେଭଲକ୍ରସିଂ ପାର ହେଉଛନ୍ତି । ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏବେ ଏହି ଦୁଇ ପ୍ରକଳ୍ପର ଭାଗ୍ୟ ଝୁଲି ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭିତ୍ତିପ୍ରସ୍ତର ପଡ଼ିବାର ୧୬ ମାସ ଅର୍ଥାତ୍ ୨୦୨୫ ଜୁଲାଇ ମାସରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପଟିଆ ଓ କଳାରାହାଙ୍ଗ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଥିଲେ । କଳାରାହାଙ୍ଗ ଆର୍‌ଓବି ପାଇଁ ୮୦ କୋଟି ଏବଂ ପଟିଆ ଆର୍‌ଓବ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେବା ସହ ଖୁବ୍‌ଶୀଘ୍ର ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି କହିଥିଲେ । ଇତିମଧ୍ୟରେ ସାଂସଦଙ୍କ ଗସ୍ତକୁ ୭ ମାସ ବିତିଯାଇଥିଲେ ମଧ୍ୟ କାମ ଆଗେଇପାରି ନାହିଁ । ପୂର୍ବରୁ ଏହି ଦୁଇଟି ଆର୍‌ଓବି ପାଇଁ ଜମି ଅଧିଗ୍ରହଣ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା । ମାତ୍ର ଏବେ ପଟିଆ ଜମି ଅଧିଗ୍ରହଣ ସମସ୍ୟା ଦୂର ହୋଇଥିବା ବେଳେ କଳାରାହାଙ୍ଗରେ ଜମି ସମସ୍ୟା ପୂର୍ବଭଳି ଲାଗିରହିଛି । ତେଣୁ ଏଠାରେ କାମ ଆରମ୍ଭ ହୋଇପାରୁ ନାହିଁ । ପରିଣାମ ସ୍ୱରୂପ ବିପଦ ସଙ୍କୁଳ ଅବସ୍ଥାରେ ହଜାର ହଜାର ଲୋକେ ପ୍ରତିଦିନ ଲେଭଲ୍ କ୍ରସିଂ ଦେଇ ଯାତାୟାତ କରୁଛନ୍ତି । ରେଳ ଫାଟକ ବାରମ୍ବାର ପଡ଼ିବା ଦ୍ୱାରା କେବଳ ଯେ ସମୟ ବରବାଦ ହେଉଛି ତାହା ନୁହେଁ, ବରଂ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ରାଜ୍ୟ ଓ କେନ୍ଦ୍ରରେ ଭିନ୍ନ ଭିନ୍ନ ଦଳ ଶାସନ କ୍ଷମତାରେ ରହିଥିବାରୁ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ିପାରୁ ନଥିଲା । ହେଲେ ୨୦ ମାସ ହେଲା ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିଲାଣି । ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ଦଳ ଶାସନ କ୍ଷମତାରେ ରହିଛନ୍ତି । ତା'ପରେ ବି କାମ ଆଗେଇ ନ ପାରିବାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଲେଣି । ଭୁବନେଶ୍ୱର ମହାନଗର ନିଗମ ୧ ନମ୍ବର ୱାର୍ଡ କର୍ପୋରେଟର ମିହିର କୁମାର ରାଉତ କହିଛନ୍ତି, ଏହି ଦୁଇଟି ଲେଭଲ୍ କ୍ରସିଂକୁ ୮ଟି ଗ୍ରାମ ପଞ୍ଚାୟତର ଲୋକେ ପ୍ରତିଦିନ ଅତିକ୍ରମ କରିଥାନ୍ତି । ଗ୍ରାମବାସୀଙ୍କ ପାଇଁ ଉପଲବ୍ଧ ସମସ୍ତ ମୌଳିକ ଆବଶ୍ୟକତା ଯେମିତି କି ବିଦ୍ୟାଳୟ, କଲେଜ, ହସ୍ପିଟାଲ୍, ବ୍ୟାଙ୍କ୍, ଅଫିସ୍ ଆଦିରେ ପହଞ୍ଚିବା ପାଇଁ ସେମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ । ଏହି ରାସ୍ତାଟି ପଟିଆ ଅଞ୍ଚଳକୁ ଭୁବନେଶ୍ୱର-କଟକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ସହ ମଧ୍ୟ ସଂଯୁକ୍ତ କରୁଛି । ତେଣୁ ସରକାର ତୁରନ୍ତ ଏହି ଲେଭଲ୍‌କ୍ରସିଂରେ ଆର୍‌ଓବି ନିର୍ମାଣ କରିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି । ପୂର୍ବତଟ ରେଳପଥର ଜଣେ ଅଧିକାରୀ କହିଛନ୍ତି ଯେ ଉଭୟ ଆର୍‌ଓବି ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଗତ ମାସରେ ପଟିଆ ଲେଭଲ୍‌କ୍ରସିଂରେ ଆର୍‌ଓବ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଇଛି । ପ୍ରଥମ ରେଳ ବିଭାଗ ଅଧୀନରେ ଥିବା ସ୍ଥାନରେ କାମ ଆରମ୍ଭ କରିବ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଆପ୍ରୋଚ୍ ରୋଡ୍ କରାଇବେ । କଳାରାହାଙ୍ଗ ଆର୍‌ଓବି ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଏପର୍ଯ୍ୟନ୍ତ ହୋଇପାରି ନ ଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।



## ରାଜ୍ୟର ସହରାଞ୍ଚଳରେ ମଶା ଉପଦ୍ରବ

**ଭୁବନେଶ୍ୱର , :** ଭୁବନେଶ୍ୱର ସମେତ ରାଜ୍ୟର ସହରାଞ୍ଚଳରେ ମଶା ଉପଦ୍ରବ ଅସମ୍ଭାଳ ହେଲାଣି । ମଶା ଆଉ ଘରେ ବାହାରେ ରଖେଇ ଦେଉନାହାନ୍ତି । ମଶାରି, ମଶାମରା ରାକେଟ୍‌କିମ୍ବା ମଶା ନିରୋଧକ (ରିପେଲାଣ୍ଟ) କିଛି କାମ କରୁନି । ରାଜ୍ୟରେ ଏକାଧିକ ସଂସ୍ଥା ମଶା ନିୟନ୍ତ୍ରଣ ପାଇଁ କାମ କରୁଛନ୍ତି । ହେଲେ ମଶା ନିୟନ୍ତ୍ରଣକୁ ଆସୁନାହିଁ । ଏବେ ଡେଙ୍ଗୁ ମଶାଙ୍କ ଉତ୍ପାତ କମିଥିବା ବେଳେ ଅନ୍ୟ ରକ୍ତ ଶୋଷୁଥିବା(ନୁଇସାନ୍‌ସ ମସ୍କିଟୋ) ମଶାଙ୍କ ଆତଙ୍କ ଆରମ୍ଭ ହୋଇଛି । ଯଦିଓ ଏହି ମଶାଙ୍କ ଦ୍ୱାରା ରୋଗ ସଂକ୍ରମଣ ଆଶଙ୍କା କମ୍, ତଥାପି ଲୋକଙ୍କୁ ଏଥିରୁ ନିସ୍ତାର ମିଳୁନାହିଁ । ଆସନ୍ତା ମାସେ ଦୁଇମାସ ଏହି ସ୍ଥିତି ଆହୁରି ଜଟିଳ ହେବ ବୋଲି କୀଟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି । ବିଶେଷକରି ଡେଙ୍ଗୁ, ଚିକୁନ୍‌ଗୁନିଆ, ମ୍ୟାଲେରିଆ ଭଳି ଅନ୍ୟ ରୋଗ ସୃଷ୍ଟିକାରୀ ମଶାଙ୍କ ନିୟନ୍ତ୍ରଣ ସହରାଞ୍ଚଳରେ ଏକ ପ୍ରମୁଖ ଆହ୍ୱାନ ସୃଷ୍ଟି କରିଛି । ସହରରେ ମଶାଙ୍କ ଉତ୍ପତ୍ତିସ୍ଥଳ କାହାରିକୁ ଅଛପା ନାହିଁ । ସମସ୍ତେ ଜାଣୁଛନ୍ତି, ହେଲେ ନ ଜାଣିଲା ଭଳି ରହୁଛନ୍ତି । ଲାର୍ଭା ଅବସ୍ଥାରୁ ଏହାକୁ ମାରିବା ଆବଶ୍ୟକ । ହେଲେ ମଶା ଉଡ଼ିବା ଅବସ୍ଥାକୁ ଆସିଗଲେ ସେମାନଙ୍କୁ ମାରିବା କଷ୍ଟକର ହୋଇଥାଏ । ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ମଶାଙ୍କ ଏହି ସ୍ଥିତିକୁ ନଜରରେ ରଖି ଗତ ନଭେମ୍ବର ମାସରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାର କମିସନର ଓ ପୁରୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଏହା ଉପରେ ପଦକ୍ଷେପ ପାଇଁ ପତ୍ର ଲେଖିଥିଲେ । ଏଥିରେ କୁହାଯାଇଥିଲା ଯେ ମଶାଙ୍କ ଉତ୍ପାତକୁ ରୋକିବାକୁ ହେଲେ ନିୟମିତ ସ୍ୱଚ୍ଛତା ଅଭିଯାନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ପଙ୍କମୁକ୍ତ ଡ୍ରେନ୍, ଜଙ୍ଗଲ ସଫା, ଗମ୍ବୁସିଆ ମାଛ ଚାଷ ଓ ଫଗିଂ ଜାରି ରଖିବାକୁ ହେବ । ଏହାସହ ମଶା ଲାର୍ଭା ଉତ୍ପତ୍ତି ସ୍ଥଳର ମ୍ୟାପିଂ, ୱାର୍ଡୱାରୀ ପ୍ଲାନିଂ, ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି, ସଚେତନତା କାର୍ଯ୍ୟକ୍ରମ, ଗମ୍ବୁସିଆ ମାଛ ପାଇଁ ଉପଲବ୍ଧ ହ୍ୟାଚେରି ଇତ୍ୟାଦିକୁ ନେଇ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଆକ୍ସନ୍ ପ୍ଲାନ୍‌କୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ପଠାଇବାକୁ କୁହାଯାଇଥିଲା । ଯଦ୍ୱାରା ନିର୍ଦ୍ଦେଶାଳୟ ପକ୍ଷରୁ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦିଆଯାଇପାରିବ । ଇତିମଧ୍ୟରେ ପ୍ରାୟ ୨୫ଦିନ ବିତିବାକୁ ବସିଲାଣି, ନିଗମ କର୍ତ୍ତୃପକ୍ଷମାନେ କେଉଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ପଠାଇଛନ୍ତି ତାହାକୁ ନେଇ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି । ଏପରିକି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ଏହାକୁ ନେଇ ସ୍ପଷ୍ଟ ସୂଚନା ମିଳୁନାହିଁ । ରାଜ୍ୟରେ ମଶା ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ସମେତ, ବିଭିନ୍ନ ମହାନଗର ନିଗମ, ଜାତୀୟ ସ୍ୱାସ୍ଥ୍ୟ ମିସନ, ମେଟ୍ରୋପଲିଟାନ୍ ସର୍ଭେଲାନ୍‌ସ ୟୁନିଟ୍ କାର୍ଯ୍ୟ କରୁଛି । ନିଗମରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀ ଏହାର ଦାୟିତ୍ୱରେ ରହିଛନ୍ତି । ଏହାସହ ସ୍ୱାସ୍ଥ୍ୟ ବିଭାଗରେ କୀଟବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଭିବିଡିସିପି) ପାଇଁ ଅଧିକାରୀ ରହିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିସନ୍‌ପକ୍ଷରୁ ମଶା ନିୟନ୍ତ୍ରଣ ପାଇଁ ନିୟୋଜିତ ମାନବ ସମ୍ବଳ ନିଯୁକ୍ତି ଓ ସେମାନଙ୍କୁ ତାଲିମ୍ ଦିଆଯାଉଛି ।

## ସମୁଦ୍ର ବାଲି ଉପରେ ବିଭିନ୍ନ ସଂସ୍ଥାଙ୍କ ନଜର

**ଭୁବନେଶ୍ୱର, :** ଓଡିଶାର ସାମୁଦ୍ରିକ ବେଳାଭୂମିରେ ପ୍ରଚୁର ପରିମାଣର ଥୋରିୟମ ଓ ଟିଟାନିୟମ ଭଳି ବିରଳ ପଦାର୍ଥମାନ ରହିଛି । ସମୁଦ୍ର ବାଲିରୁ ଏହା ମିଳୁଥିବାରୁ ବିଶେଷକରି ପୁରୀ-କୋଣାର୍କ ବେଳାଭୂମିକୁ କବ୍‌ଜା କରିବାଲାଗି ବହୁ ସଂସ୍ଥା ଉଦ୍ୟମକରି ଆସୁଛନ୍ତି । ଓଡିଶା ଉପକୂଳରେ ଉପଲବ୍ଧ ବିରଳ ମୃତ୍ତିକା ସଂଗ୍ରହ କରିବାଲାଗି ଅବଶ୍ୟ ଗୋପାଳପୁର ନିକଟରେ ଭାରତୀୟ ବିରଳ ମୃତ୍ତିକା କେନ୍ଦ୍ର ରହିଛି । ଏହା ଗବେଷକମାନଙ୍କୁ ଅବଶ୍ୟ ବେଶ୍ ସହାୟତା ଯୋଗାଉଛି । ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ଜଣେ ପଦାର୍ଥ ବିଜ୍ଞାନବିତ୍ କହିଛନ୍ତି ଯେ ସମୁଦ୍ର ବାଲିରୁ ମିଳୁଥିବା ଥୋରିୟମ ଆଣବିକ ଶକ୍ତି ଉତ୍ପନ୍ନ କରିବାପାଇଁ ଆବଶ୍ୟକ । ବିଶେଷକରି ଏହା ଆଣବିକ ରିଆକ୍ଟରରେ ବ୍ୟବହୃତ ହୋଇଥାଏ । ଥୋରିୟମ ଭଳି ସମୁଦ୍ର ବାଲିରୁ ମିଳୁଥିବା ଟିଟାନିୟମ ମହାକାଶଯାନ ନିର୍ମାଣରେ ମଧ୍ୟ ବ୍ୟବହୃତ ହୋଇଥାଏ । ଦେଶର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଏହା ଏକ ମୂଲ୍ୟବାନ ପଦାର୍ଥ । ଉଭୟ ପଦାର୍ଥ ବିଜ୍ଞାନୀ ଓ ଚିକିତ୍ସା ବିଜ୍ଞାନୀମାନେ ସ୍ୱୀକାର କରନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଏହି ବିରଳ ମୃତ୍ତିକାର ବ୍ୟାପକ ଉନଯୋଗ ହୋଇଥାଏ । ଦନ୍ତ ପୀଡା ଦୂର କରିବାପାଇଁ ଅସଲି ଦାନ୍ତ କାଢି କୃତ୍ରିମ ଦାନ୍ତ ପ୍ରସ୍ତୁତ ଲାଗି ଟିଟାନିୟମ ମଧ୍ୟ ଆବଶ୍ୟକ ପଡେ । ସେହିଭଳି ହୃଦଯନ୍ତ୍ରର ଧମନୀ ଅବରୋଧ ହୋଇଯାଇଥିଲେ ତାହାକୁ ପରିଷ୍କାର କରିବାପାଇଁ ଆଞ୍ଜିଓପ୍ଲାଷ୍ଟ ମାଧ୍ୟରେ ଯେଉଁ ଷ୍ଟେଣ୍ଟ ଲଗାଯାଉଛି ତାହାର ପ୍ରସ୍ତୁତି କ୍ଷେତ୍ରରେ ମଧ୍ୟ ଏହି ବିରଳ ମୃତ୍ତିକାର ଆବଶ୍ୟକତା ପଡିଥାଏ । କେବଳ ସେତିକି ନୁହେଁ କିଡ୍‌ନୀ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଟିଟାନିୟମ ବିଜ୍ଞାନ ସମ୍ମତ ପଦ୍ଧତିରେ ବ୍ୟବହୃତ ହୋଇଥାଏ ।

**NOTICE (FOR MINOR)**

In view of an affidavit sworn before Notary Public, Cuttack, dated 13-2-2026, I, **Gopinath Sunyani, aged about 55 years, S/o - Bhutlu** *Sunyani, Permanent Resident of G/196, PS - Sector -19, Rourkela,* **Dist - Sundargarh - 769005, Odisha, presently residing G/196, PS - Sector -19, Rourkela, Dist - Sundargarh - 769005, Odisha, declare that I have changed the name of my son from DIBYANSHU KUSHAL SUNYANI to KUSHAL SUNYANI. Henceforth he shall be known as KUSHAL SUNYANI for all purposes.**

Father
Applicant name
Gopinath Sunyani

# ଭିକାରିମୁକ୍ତ

## ହୋଇପାରିଲାନି ରାଜଧାନୀ



**ଭୁବନେଶ୍ୱର, :** ଭିକାରିମୁକ୍ତ ରାଜ୍ୟ ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର ସହାୟ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ କରି 'ଏକାମ୍ର ନିଳୟ', 'ନୀଳାଦ୍ରି ନୀଳୟ' ଭଳି ଯୋଜନା ଆରମ୍ଭ କଲେ । ରାଜ୍ୟରେ ପ୍ରଥମ କରି ୨୦୨୧ ମସିହାରେ ଭିକାରିମୁକ୍ତ ସହର ଗଠନ ଲକ୍ଷ୍ୟରେ ରାଜଧାନୀ ଭୁବନେଶ୍ୱରରେ 'ଏକାମ୍ର ନିଳୟ' ଓ ଶ୍ରୀକ୍ଷେତ୍ର ପୁରୀରେ 'ନୀଳାଦ୍ରି ନିଳୟ' ଯୋଜନା ଆରମ୍ଭ ହେଲା । ଏଥିପାଇଁ ବିଭିନ୍ନ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନିୟୋଜିତ କରାଗଲା । ଏହି ଯୋଜନାରେ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା ବି ଯୋଗାଇ ଦିଆଗଲା । ତଥାପି ରାଜଧାନୀ ଭୁବନେଶ୍ୱର ଭିକାରିମୁକ୍ତ ହୋଇପାରିନି । ବିଭିନ୍ନ ଟ୍ରାଫିକ୍ ଛକ, ହାଟ, ମନ୍ଦିର ଆଗରେ ବସି ଉଭୟ ମହିଳା, ପୁରୁଷମାନେ ଭିକ୍ଷାବୃତ୍ତି କରୁଛନ୍ତି । ସବୁଠୁ ଚିନ୍ତାଜନକ କଥା ହେଉଛି, ଏମାନେ କୁନି କୁନି ପିଲାଙ୍କୁ ଭିକ୍ଷାବୃତ୍ତିରେ ଲଗାଉଛନ୍ତି । ଯେଉଁମାନେ ଭିକ୍ଷାଥାଳ ଧରି ରୁପାଲି, ରାମମନ୍ଦିର ଛକ, କଳ୍ପନା ଛକ, ରାଜମହଲ ଛକ ଭଳି ପ୍ରମୁଖ ସ୍ଥାନରେ ଭିକ ମାଗୁଛନ୍ତି । 'ଏକାମ୍ର ନିଳୟ' ଯୋଜନାରେ ରାଜଧାନୀ ଭୁବନେଶ୍ୱରରୁ ଉଦ୍ଧାର ହେଉଥିବା ଭିକାରି ଓ ଅନ୍ୟ ଅସହାୟଙ୍କ ପାଇଁ ରଙ୍ଗବଜାର, ଅନ୍ଧାରୁଆ, କାନନବିହାର ଆଦି ସ୍ଥାନରେ ୬ଟି ଭିକାରି ଥଇଥାନ କେନ୍ଦ୍ର ଖୋଲାଯାଇଛି । ଯେଉଁଠି ବୟସ୍କ ଭିକାରି, ମହିଳା ଓ ଶିଶୁ ଭିକାରି, ଭିନ୍ନକ୍ଷମ ଭିକାରି, ବିକୃତ ମାନସିକ ଓ ଦୁର୍ବଳ ମାନସିକ ବ୍ୟକ୍ତିଙ୍କୁ ଅଲଗା ଅଲଗା ଥଇଥାନ କେନ୍ଦ୍ରରେ ରଖାଯାଉଛି । ପ୍ରତି କେନ୍ଦ୍ରରେ ୧୦୦ଜଣଙ୍କୁ ଥଇଥାନର ବ୍ୟବସ୍ଥା କରାଯାଇଛି । ବିଏମ୍‌ସି ପକ୍ଷରୁ 'ଏକାମ୍ର ନିଳୟ' ଯୋଜନାରେ ଭିକାରିଙ୍କୁ ଉଦ୍ଧାର ଓ ଥଇଥାନ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ନିୟୋଜିତ କରାଯାଇଛି । ଥଇଥାନ କେନ୍ଦ୍ରରେ ଭିକାରିଙ୍କ ରହିବା, ଖାଇବା ଆଦି ପାଇଁ ମୁଣ୍ଡପିଛା ପ୍ରାୟ ୪ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି । ଥଇଥାନ କେନ୍ଦ୍ରକୁ ଆସୁଥିବା ଭିକାରିମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସିଲେଇ ଓ ଅନ୍ୟାନ୍ୟ ପ୍ରଶିକ୍ଷଣ ଦିଆଯାଉଛି । ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂସ୍ଥା ନିୟୋଜିତ ହୋଇଛନ୍ତି । ଏ ବାବଦରେ ବି ବିଏମ୍‌ସି ଟଙ୍କା ଗଣୁଛି । ମିଳିଥିବା ତଥ୍ୟ ମୁତାବକ, ବର୍ତ୍ତମାନ ଏହିସବୁ ଥଇଥାନ କେନ୍ଦ୍ରରେ ୪ଶହରୁ ଅଧିକ ଭିକାରି ଓ ଅନ୍ୟବର୍ଗର ବ୍ୟକ୍ତି ରହିଛନ୍ତି । କିଛି ସୁସ୍ଥ ମାନସିକତା ସହ ଘରକୁ ଫେରୁଛନ୍ତି ତ କିଛି ମାସ ମାସ ଧରି ସେହିଭଳି ଥଇଥାନ କେନ୍ଦ୍ରରେ ରହୁଛନ୍ତି । ଯେଉଁମାନେ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି, ସେମାନଙ୍କ ଜାଗାରେ ଅନ୍ୟ ଭିକାରିଙ୍କୁ ରଖାଯାଉଛି । କିନ୍ତୁ ଦେଖିବାକୁ ମିଳୁଛି, ଯେଉଁମାନେ ଥଇଥାନ କେନ୍ଦ୍ରରୁ ବାହାରୁଛନ୍ତି, ସେମାନେ ପୁଣି ଆସି ରାସ୍ତାରେ ଭିକ ମାଗୁଛନ୍ତି । ଭିନ୍ନକ୍ଷମଠାରୁ ଆରମ୍ଭ କରି ଅନ୍ୟମାନେ ରାସ୍ତାଘାଟ, ବଜାର, ମନ୍ଦିର ଆଗରେ ଭିକ ମାଗୁଛନ୍ତି । ମୁଁ ବି ବିଭିନ୍ନ ଛକ, ବଜାରରେ ଏଭଳି ଭିକ୍ଷାବୃତ୍ତି କରିବା ଦେଖିଛି । ଏମାନେ ସବୁ ଅଣଓଡ଼ିଆ ଭିକାରି । ବାହାରୁ ଆସି ଏଠାରେ ରହିବା ସହ ଭିକ ମାଗୁଛନ୍ତି ଓ ଆମକୁ ବଦନାମ କରୁଛନ୍ତି । ଏହା ପଛରେ ବଡ଼ ରାକେଟ୍ କାମ କରୁଛି । ଏମାନେ ରାଜସ୍ଥାନ, ଗୁଜରାଟ, ବିହାର ଭଳି ରାଜ୍ୟରୁ ଆସି ଏଠାରେ ଭିକ୍ଷାବୃତ୍ତି କରୁଛନ୍ତି । କୁନିକୁନି ପିଲାଙ୍କୁ ବି ଭିକ ମଗାଉଛନ୍ତି । ନିଶା ସେବନ ସହ ନିଶା କାରବାରରେ ଲିପ୍ତ ରହୁଛନ୍ତି । ଡ୍ରଗ୍‌ସ ସେବନ, ଡ୍ରଗ୍‌ସ ବିକ୍ରି ସହ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯେଉଁଠି ରହୁଛନ୍ତି, ସେ ସ୍ଥାନକୁ ଅପରିଷ୍କାର କରୁଛନ୍ତି । ଏଭଳି ଅଣଓଡ଼ିଆ ଭିକାରି ତଥା ନିଶା କାରବାରରେ ସଂପୃକ୍ତ ବ୍ୟକ୍ତିଙ୍କୁ ତଡ଼ିବା ପାଇଁ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା ହୋଇଛି । ଆମେ ସମୟ ମାଗିଛୁ ଓ ଲୋକବଳ ଦେବାକୁ କହିଛୁ । ପୁଲିସ ଲୋକବଳ ଦେଲେ, ଏଭଳି ଅଣଓଡ଼ିଆଙ୍କୁ ଧରି ଆମେ ଟ୍ରେନ୍‌ରେ ବସାଇଦେବୁ । ଏମାନଙ୍କୁ ଥଇଥାନ କେନ୍ଦ୍ରରେ ରଖିଲେ ବି ରହୁନାହାନ୍ତି । ସମସ୍ତେ ସକ୍ଷମ, ନିଜ ଅଞ୍ଚଳକୁ ଯାଇ କାମଧନ୍ଦା କରିପାରିବେ । କିନ୍ତୁ ଏଠି କଲମ ବିକିବା ନାଁରେ ନିଜେ ଭିକ ମାଗିବା ସହ ଛୋଟଛୁଆଙ୍କୁ ଭିକ୍ଷାବୃତ୍ତିରେ ଲଗାଉଛନ୍ତି ।

**DECLARATION FORM IV**

**Statement about ownership and other particulars about newspaper "KHARASROTA SUPER FAST " to be published in the first issue every year after the last day of February**

1. Place of publication : AT- JARI, PO- JARI, VIA- SINGHPUR, PS- BINJHARPUR, Dist- JAJAPUR
2. Periodicity of its publication : **Monthly**
3. Printer's Name :Nagendra Kumar Senapati
   Nationality : Indian
   Address : PLOT NO-3, GOPABANDHU CHHAKA, UNIT -8, BHUBANESWAR, KHORDHA, ODISHA - 751003
4. Publisher's Name : **ALOK KUMAR SAMAL**
   Nationality : Indian
   Address : Plot No.570(P), House No.67, Saraswati Kunja, Jagamara, Khandagiri, Bhubaneswar-30 Dist-Khordha
5. Editor's Name :ALOK KUMAR SAMAL
   Nationality :Indian
   Address : AT- JARI, PO- JARI, VIA- SINGHPUR, PS- BINJHARPUR, Dist- JAJAPUR
6. Names and addresses of individuals who Own the newspaper and partners or Shareholders holding More than one Percent of the total capital : **- ALOK KUMAR SAMAL** AT- JARI, PO- JARI, VIA- SINGHPUR, PS- BINJHARPUR, Dist- JAJAPUR

I Sri **ALOK KUMAR SAMAL** hereby declare that the particulars given above are true to the best of my knowledge and belief.

Sd/-
**ALOK KUMAR SAMAL**
**PUBLISHER**
**KHARASROTA SUPER FAST**

**28/02/2026**

Printed by Published by ALOK KUMAR SAMAL on behalf of ALOK KUMAR SAMAL, Printed at CHANDAN PRINTERS, PLOT NO-3, GOPABANDHU CHHAKA, UNIT -8, BHUBANESWAR, KHORDHA, ODISHA - 751003. and Published at AT- JARI, PO- JARI, VIA- SINGHPUR, PS- BINJHARPUR, Dist- JAJAPUR

ସଂପାଦକ: ଆଲୋକ କୁମାର ସାମଲ
Editor: Alok Kumar Samal

Mail: kharasrota superfast03@gmail.com, MOB- 9439487175

ମୁଖ୍ୟ ସଂପାଦକ: ଦେବେନ୍ଦ୍ର ସାମଲ
Chief Editor: Debendra Samal